

# କଟକ ସିଟି

### ସମସ୍ୟା ଘେରରେ ଦମକଳ କେନ୍ଦ୍ର

# କର୍ମଚାରୀ ଓ ଅତ୍ୟାଧୁନିକ ନିଆଁଲିଭା ଯନ୍ତ୍ରାଂଶ ଅଭାବ

କଟକ,୨୮ ।୩(ସମିସ)

କଟକ ସହରରେ ଦମକଳ କେନ୍ଦ୍ର ଗୁଡ଼ିକ ସମସ୍ୟା ଘେରରେ ଗତି କରୁଛି। ଦମକଳ କେନ୍ଦ୍ର ଗୁଡ଼ିକରେ ଆବଶ୍ୟକୀୟ ସଂଖ୍ୟାକ କର୍ମଚାରୀଙ୍କ ଅଭାବ, ଅତ୍ୟାଧୁନିକ ନିଆଁଲିଭା ଯନ୍ତ୍ରାଂଶ ନଥିବା କାରଣରୁ ଅନେକ ସମୟରେ ବଡ଼ ଧରଣର ଅଗ୍ନିକାଣ୍ଡକୁ ଆୟତ୍ତ କରିବା ସମୟସାପେକ୍ଷ ବା କଷ୍ଟସାଧ ହୋଇ ପଡୁଥିବା ଜଣାପଡ଼ିଛି। କଟକ ସହରରେ ୩ଟି ଅଗ୍ନିଶମ କେନ୍ଦ୍ର ବକ୍ସିବଜାର, ଚାଉଳିଆଗଞ୍ଜ, ମର୍କତନଗରରେ ରହିଥିବା ବେଳେ ଏସସିବି ମେଡିକାଲରେ ଗୋଟିଏ ମିନି ଅଗ୍ନିଶମ କାର୍ଯ୍ୟାଳୟ ଓ ହାଇକୋର୍ଟ ନିକଟରେ ଗୋଟିଏ କ୍ଷୁଦ୍ର ୟୁନିଟ୍ ରହିଛି। କୌଣସି ଅଗ୍ନିଶମ କେନ୍ଦ୍ରରେ ଅତ୍ୟାଧୁନିକ ନିଆଁଲିଭା ଯନ୍ତ୍ରାଂଶ ନାହିଁ। ମୁଖ୍ୟତଃ ପ୍ରତ୍ୟେକ ଦମକଳ କେନ୍ଦ୍ରରେ ସ୍ମୋକ୍ ଏକ୍ଜସ୍ଷ୍ଟର୍, ବ୍ରିଦିଂ ଆପାରେଟର୍ସ ସେଟ୍(ବି.ଏ ମେସିନ୍), ହାଇଡ୍ରୋଲିକ୍ କଟିଂ ମେସିନ୍, ହାଇଡ୍ରୋଲିକ୍ ପ୍ଲାଟଫର୍ମ, ଅଣ୍ଡର୍ ୱାଟର୍ ସର୍ଚ୍ଚ କ୍ୟାମେରା, କଂକ୍ରିଟ୍ କଟିଂ, ଗ୍ୟାସ୍ କଟିଂ ମେସିନ୍ ଓ ଫାୟାର୍ ବାଇକ୍ର ଆବଶ୍ୟକତା ରହିଛି। ବକ୍ସିବଜାର ଦମକଳ କେନ୍ଦ୍ରରେ ଏସବୁରୁ ମାତ୍ର ଗୋଟିଏ ଲେଖାଁଏ ରହିଥିବା ବେଳେ ଅନ୍ୟ ଦମକଳ କେନ୍ଦ୍ର ଗୁଡ଼ିକରେ ଏସବୁ ଯନ୍ତ୍ରାଂଶ ଉପଲବ୍ଧ ନାହିଁ। ଏହି ଯନ୍ତ୍ରାଂଶ ଆଭବ ହେତୁ ନିଆଁ ଲିଭା କାର୍ଯ୍ୟ ବିଳମ୍ବ ହେଉଛି। ସେହିପରି କଟକର ଦମକଳ କେନ୍ଦ୍ର ଗୁଡ଼ିକରେ ବର୍ତ୍ତମାନ ୩୬ଜଣ ଫାୟାର୍ ମ୍ୟାନ୍, ଏଏଫ୍ଓ ଜଣେ, ଏସ୍ଓ ୨ଜଣ, ଏଲ୍ଏଫ୍ଏମ୍ ୭ଜଣ, ଡ୍ରାଇଭର ୮ଜଣ କାର୍ଯ୍ୟ କରୁଛନ୍ତି। ନିୟମଅନୁସାରେ, ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଅଧିକ କର୍ମଚାରୀଙ୍କ



ଆବଶ୍ୟକ ରହିଛି। ହେଲେ ଏହାର ଅଭାବ ପରିଲକ୍ଷିତ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ, ସର୍ବନିମ୍ନ ୫୦ଜଣ ଫାୟାର୍ ମ୍ୟାନ୍ ନିୟୋଜିତ ହେବା ସ୍ଥାନରେ ମାତ୍ର ୩୬ଜଣ ଏବଂ ଏଏଫ୍ଓ, ଏସ୍ଓ ଓ ଏଲ୍ଏଫ୍ଏମ୍ ସର୍ବନିମ୍ନ ୨୫୦ ଜଣ କାର୍ଯ୍ୟ କରିବା ସ୍ଥାନରେ ମାତ୍ର ୧୮ଜଣ କାର୍ଯ୍ୟ କରୁଛନ୍ତି। ଏ ସଂକ୍ରାନ୍ତରେ ଫାୟାର୍ ଅଫିସର ସଂଜୀବ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଖୁବଶୀଘ୍ର କର୍ମଚାରୀ ଅଭାବକୁ ଦୂର କରାଯିବ। ଯେଉଁ ଯନ୍ତ୍ରାଂଶ ଅଭାବ କଥା ଉଠୁଛି, ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସୂଚନା ପ୍ରଦାନ କରାଯାଇଛି। ଖୁବଶୀଘ୍ର ଫଳପ୍ରଦ ହେବ ବୋଲି ଆଶା କରାଯାଉଛି ବୋଲି ଫାୟାର୍ ଅଫିସର ଶ୍ରୀ ବେହେରା କହିଛନ୍ତି।

ଅନ୍ୟପକ୍ଷରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଠିକ୍ ଭାବେ ପାଳନ କରାଯାଉ ନଥିବା ଅଭିଯୋଗ ଉଠିଛି। ସହରରେ ଅଗ୍ନିଶମ ବିଭାଗ ପକ୍ଷରୁ ଫାୟାର୍ ସେଫ୍ଟି ରୁଲ୍-୨୦୧୭ ପ୍ରଚଳନ କରାଯାଉଥିବା କୁହାଯାଉଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନାହିଁ। ସହରରେ ଅଧିକାଂଶ ନର୍ସିଂହୋମ୍, ସପିଂମଲ୍, ଘରୋଇ ମେସ୍ ଏବଂ ହଷ୍ଟେଲ୍ ଗୁଡ଼ିକ ଫାୟାର୍ ସେଫ୍ଟି ସାର୍ଟିଫିକେଟ୍ ହାସଲ କରି ନାହାନ୍ତି। ସେମାନଙ୍କୁ ତୁରନ୍ତ ସାର୍ଟିଫିକେଟ୍ ପାଇବା ନିମନ୍ତେ ଆବେଦନ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ସେମାନେ ଅବେଦନ କରୁ ନାହାନ୍ତି। ୨୦୧୭ ମସିହାରୁ ଯଦିଓ ଏହାକୁ କଡ଼ାକଡ଼ି କରାଯାଇଥିଲା, ସହରର ଘରୋଇ ନର୍ସିଂହୋମ ମାଲିକ, ମଲ୍ ମାଲିକ, ହଷ୍ଟେଲ୍ ମାଲିକ, କଲେଜ କର୍ତ୍ତୃପକ୍ଷ ଏବଂ ମେସ୍ ଚଳାଉଥିବା ମାଲିକମାନେ ଏହାକୁ ପାଳନ କରୁନାହାଁନ୍ତି। ଅଗ୍ନିଶମ ବିଭାଗ ଏ ଦିଗରେ ବର୍ତ୍ତମାନ ତତ୍ପରତା ପ୍ରକାଶ କରିବା ସହିତ ମହାନଗରର ପ୍ରତ୍ୟେକ ଦମକଳ କେନ୍ଦ୍ରକୁ ନୋଟିସ୍ ଜାରି କରଥିଲା। ଯେଉଁ ଅନୁଷ୍ଠାନ ଗୁଡ଼ିକ ଅଗ୍ନି ନିରାପତ୍ତା ସାର୍ଟିଫକେଟ୍ ହାସଲ କରି ନାହାନ୍ତି, ସେଗୁଡ଼ିକ ସ୍ଥାନୀୟ ଦମକଳ କେନ୍ଦ୍ରରେ ପଞ୍ଜିକୃତ କରି ସାର୍ଟିଫିକେଟ୍ ହାସଲ କରିବାକୁ କୁହାଯାଇଥିଲା। ସଚେତନତା ଅଭାବ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ଏକାଧିକ ପ୍ରତିଷ୍ଠାନର ମାଲିକମାନେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନକରିବା ଓ ଅଗ୍ନିଶମ ବିଭାଗର ଅବହେଳା ଯୋଗୁଁ ଆଗାମୀ ଦିନରେ ବଡ଼ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନପାରେ।

ଅନ୍ୟପଟେ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ସମୀକ୍ଷା ବୈଠକ ଗୁଡ଼ିକରେ ଲାଗି ରହିଥିବା ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରାଯିବା ପାଇଁ କୁହାଯାଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ସମସ୍ୟାର ସମାଧାନ ହୋଇ ପାରୁ ନାହିଁ। ଏବେ ଗ୍ରୀଷ୍ମ ପ୍ରକୋପ ବଢ଼ିବାରେ ଲାଗିଛି। ସମ୍ଭାବ୍ୟ ଅଗ୍ନିକାଣ୍ଡକୁ ରୋକିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଦମକଳ ଗାଡି ଓ ଯନ୍ତ୍ରାଂଶର ଆବଶ୍ୟକତା ରହିଛି। ସେହିପରି କଟକ ସହରରେ ଅଗ୍ନିନିରାପତ୍ତା ବାଇକ୍ କିଣାବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏ ପର୍ଯ୍ୟନ୍ତ ବାଇକ୍ କିଣାଯାଇ ପାରି ନାହିଁ। ଏଥିପ୍ରତି ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଉଠିଛି।

## ବିଦ୍ୟୁତ୍ ସଟ୍ସର୍କିଟ୍ରୁ ଅଗ୍ନିକାଣ୍ଡ



**କଟକ,୨୮ ।୩(ସମିସ):** ବାଦାମବାଡି ଅଞ୍ଚଳରେ ଆଜି ଏକ ଅଗ୍ନିକାଣ୍ଡ ଘଟିଛି। ସଟସର୍କିଟରୁ ଏକ ଆଜବେଷ୍ଟ ଘରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାରୁ ଏକ ବଡଧରଣର ଅଘଟଣ ଆଶଙ୍କା ଟଳିଥିଲା।

ବିକାଶ ଭବନ ଜଗନ୍ନାଥ ଲେନ ଗଡାର ଡାହାଣ ପାଶ୍ୱର୍ରେ ଅକ୍ଷୟ କହଁର ସପରିବାର ଏକ ଆଜବେଷ୍ଟସ୍ ଘରେ ରହୁଛନ୍ତି। ପୂର୍ବାହ୍ନ ୧୦ଟା ବେଳେ ସେ କୌଣସି ଏକ କାମରେ ବାହାରକୁ ଯାଇଥିଲେ। ଏହି ସମୟରେ ଘରେ ଥିବା ତାଙ୍କ ପତ୍ନୀ ବନ୍ଦନା ପଣ୍ଡା ଦେଖିଲେଯେ, ଘରର ଇଲେକ୍ଟ୍ରିକ ବୋର୍ଡ ପାଖରୁ ଧୂଆଁ ବାହାରୁଛି। କ୍ଷଣିକ ଭିତରେ ଘର ସାରା ଧୂଆଁ ବ୍ୟାପି ଯିବା ସହ ଅଗ୍ନିକାଣ୍ଡ ଘଟିଥିଲା। ସେ ଭୟଭୀତ ହୋଇ ବାହାରକୁ ଦୌଡି ଆସିଥିଲେ। ଆଖପାଖର ଲୋକ ଆସି ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। କିଛି ସମୟ ଭିତରେ ବକ୍ସି ବଜାର ଅଗ୍ନିଶମ କେନ୍ଦ୍ରରୁ ଗୋଟିଏ ଦମକଳ ଆସି ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳକୁ ନିଆଁ ସମ୍ପୂର୍ଣ୍ଣ ଘରକୁ କବଳିତ କରିସାରିଥିଲା। ଏଏଫଓ ସଞ୍ଜୀବ ବେହେରାଙ୍କ ନେତୃତ୍ୱରେ ୮ ଜଣିଆ ଅଗ୍ନିଶମ ଟିମ ତୁରନ୍ତ ନିଆଁ ଲିଭାକାର୍ଯ୍ୟରେ ଲାଗିପଡିଥିଲେ। ଦୀର୍ଘ ୧ ଘଣ୍ଟାର ନିରବଚ୍ଛିନ୍ନ ପାଣି ମାଡ କରାଯିବା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା। ଏହାସତ୍ତ୍ୱେ ଘରେ ପ୍ରବଳ ଧୂଆଁ ବାହାରୁଥିବାରୁ ଅଗ୍ନିଶମ କର୍ମଚାରୀମାନେ ସୁରକ୍ଷା ଉପକରଣ ପରିଧାନ କରି ଭିତରେ ପଶି ଯାଞ୍ଚ କରିଥିଲେ। ତେବେ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ମାତ୍ର ଘରେ ଥିବା ଖଟ, ଟିଭି, ଫ୍ରିଜ ଭଳି ଅନ୍ୟାନ୍ୟ ଆସବାବପତ୍ର ଜଳିପୋଡି ଯାଇଛି। ପ୍ରାୟ ୧ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାକ ଆକଳନ କରାଯାଇଛି। ଅନ୍ୟପଟେ, ସଟସର୍କିଟରୁ ଘରେ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଏଏଫଓ ଶ୍ରୀ ବେହେରା କହିଛନ୍ତି।

## ଏପ୍ରିଲ ୧୦ରେ ମାହାଙ୍ଗା ଡବଲ ମର୍ଡର ମାମଲା ଶୁଣାଣି

● ହାଇକୋର୍ଟରେ ଚୂଡ଼ାନ୍ତ ପର୍ଯ୍ୟାୟ ଯୁକ୍ତି ଉପସ୍ଥାପନ

**କଟକ,୨୮ ।୩(ସମିସ):** ମାହାଙ୍ଗା ଡବଲ ମର୍ଡର ମାମଲାରେ ସାଲେପୁର ଜେଏମଏଫସି ଅଦାଲତଙ୍କ କଗ୍ନିଜାନ୍ସ ନିର୍ଦ୍ଦେଶ ବିରୋଧରେ ବିଧାୟକ ପ୍ରତାପ ଜେନା ହାଇକୋର୍ଟରେ ଦାୟର କରିଥିବା ଆବେଦନର ଶୁଣାଣି ହୋଇଛି ।ଆଜି ଏହି ମାମଲାରେ ପ୍ରତିପକ୍ଷ ରଣଜିତ ବରାଳଙ୍କ ତରଫରୁ ଚୂଡାନ୍ତ ପର୍ଯ୍ୟାୟ ଉପସ୍ଥାପନ ହୋଇଛି। ସେହିପରି ରାଜ୍ୟ ସରକାରଙ୍କ ତରଫରୁ ମାମଲାରେ ଯୁକ୍ତି ରଖାଯିବା ପରେ ଆବେଦନକାରୀ ଶ୍ରୀ ଜେନାଙ୍କ ତରଫରୁ ମଧ୍ୟ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୦କୁ ଧାର୍ଯ୍ୟ କରାଯାଇଛି। ସମସ୍ତ ପକ୍ଷ ଏଥିପୂର୍ବରୁ ଲିଖିତ ଯୁକ୍ତି ଦାଖଲ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଅନ୍ୟପଟରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଶ୍ରୀ ଜେନାଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଜେନାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ ରଣଜିତ ବରାଳଙ୍କ ପକ୍ଷରୁ ରୁଜୁ ପ୍ରୋଟେଷ୍ଟ ପିଟିସନର ଶୁଣାଣି କରି ସାଲେପୁର ଜେଏମଏଫସି ଅଦାଲତ ଶ୍ରୀ ଜେନାଙ୍କ ବିରୋଧରେ ଆଇପିସିର ଦଫା ୩୦୨, ୧୨୦-ବି, ୫୦୬ରେ କଗ୍ନିଜାନ୍ସ ଗ୍ରହଣ କରିଥିଲେ। ଏହାପରେ ଶ୍ରୀ ଜେନାଙ୍କୁ ଅଦାଲତ ସମନ୍ ଜାରି କରିଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ଶ୍ରୀ ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଦହି ସର୍ବତ ବଣ୍ଟନ କାର୍ଯ୍ୟକ୍ରମ

**କଟକ,୨୮ ।୩(ସମିସ):** ୭୨ ଦିଗ ଭାଗ ସଂକୀର୍ତ୍ତନ ମଣ୍ଡଳୀ ଦୋଳ ମେଳଣ ଅବସରରେ ଆମ ବାଉନ ବଜାର ତେପନ ଗଳି କଟକ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଦହି ସର୍ବତ ବଣ୍ଟନ କାର୍ଯ୍ୟକ୍ରମ ରାଣୀହାଟ ଗୋପାଳ ସାହି ପୂଜା କମିଟି ସମ୍ମୁଖରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।



## ଡ୍ରିମ୍ସ ପଲିଟେକ୍ନିକ୍ରେ ଉଦ୍ୟମିତା ବିକାଶ ଆଲୋଚନାଚକ୍ର

**କଟକ,୨୮ ।୩(ସମିସ):** ଡ୍ରିମ୍ସ ପଲିଟେକ୍ନିକ ଉଦ୍ୟମିତା ବିକାଶ (ଇଡି) ସେଲ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦ୍ୟୋଗ ପ୍ରତିଷ୍ଠା ପ୍ରାରମ୍ଭିକ ପର୍ଯ୍ୟାୟର ସ୍ଥିତି ଓ ଉଦ୍ୟୋଗୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସଂପର୍କରେ ଆଲୋଚନା ହୋଇଥିଲା। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ, କଟକ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ସୁବାସ କୁମାର ସାହୁ ବିଶେଷଜ୍ଞ ବକ୍ତା ଭାବରେ ଯୋଗଦେଇଥିଲେ। ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତି ଆହରିତ ଜ୍ଞାନକୌଶଳର ସଦୁପଯୋଗ କରି ଛାତ୍ରଛାତ୍ରୀମାନେ ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟିତ ହେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଇଂ ତପସ୍ୱିନୀ ସାହୁ ଚାକିରି ପଛରେ ଗୋଡାଇବା ପରିବର୍ତ୍ତେ ନିଜେ ନିଯୁକ୍ତଦାତା ହୋଇ ସମାଜର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାଧ୍ୟାପକ ଇଂ ବିପିନ୍ କୁମାର ସ୍ୱାଇଁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆବାହକ ଅଧ୍ୟାପକ ଶୁଭକାନ୍ତ ହୋତା ଓ ଅଧ୍ୟାପକ ଦୀପକ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା ଏବଂ ଅଧ୍ୟାପିକା ଦେବସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍ୟସାଇ ସେବା ସଂଗଠନ ପକ୍ଷରୁ ମାଗଣା ବ୍ରତୋପନୟନ

**ସାଲେପୁର,୨୮ ।୩(ସମିସ):** ସାଲେପୁର ସତ୍ୟସାଇ ସେବା ସଂଗଠନ ପକ୍ଷରୁ ମାଗଣା ବ୍ରତୋପନୟନ କାର୍ଯ୍ୟକ୍ରମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୬ ଜଣ ବ୍ରାହ୍ମଣ ପିଲାମାନଙ୍କର ବ୍ରତୋପନୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଏହି ବ୍ରତୋପନୟନ କାର୍ଯ୍ୟକ୍ରମରେ ସମସ୍ତ ବ୍ରାହ୍ମଣ ପିଲାମାନଙ୍କର ପରିବାର ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ସତ୍ୟସ୍ୱରୂପ ପଟ୍ଟନାୟକ, ଜିଲ୍ଲା ସଭାପତି ବିଚିତ୍ରାନନ୍ଦ ମହାନ୍ତି, ସାଲେପୁର ସତ୍ୟସାଇ ସେବା ସଂଗଠନର ଆବାହକ ଉଦୟନାଥ ସାହୁ, ସମାଜସେବୀ ପ୍ରଶାନ୍ତ କୁମାର କର, ଶିଶିର କୁମାର ସ୍ୱାଇଁ, ନିମାଇଁ ଚରଣ ବିଶ୍ୱାଳ, ପ୍ରବୀଣ କୁମାର କାନୁନଗୋ, ଶରତ ଚନ୍ଦ୍ର ପଣ୍ଡା, ଅନୁପ କୁମାର ମଲ୍ଲ, ଜୟଦେବ ଷଡ଼ଙ୍ଗୀ, ଦେବେନ୍ଦ୍ର ନାଥ ନାୟକ, ମୁଖ୍ୟପୂଜକ ରାମଚନ୍ଦ୍ର ନନ୍ଦଙ୍କ ସମେତ ବହୁ ପୂଜକ ଏବଂ ସତ୍ୟସାଇ ସେବା ସଂଗଠନର ବହୁ କର୍ମକର୍ତ୍ତା, ସଭ୍ୟସଭ୍ୟା ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ।

## ପ୍ରାର୍ଥୀ ଘୋଷଣା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଶୀର୍ବାଦ ନେଲେ ବିଜେଡି ନେତା

**କଟକ,୨୮ ।୩(ସମିସ):** ଗତକାଲି ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଜିଲ୍ଲାର ୬ବିଧାନସଭା ଆସନ ସମେତ କଟକ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲେ । ଘୋଷଣା ହୋଇଥିବା ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର,ଆଠଗଡ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଡମ୍ବା ବିଧାୟକ ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ର, ବାଙ୍କୀ ପ୍ରାର୍ଥୀ ଦେବୀରଂଜନ ତ୍ରିପାଠୀ,ଚୌଦ୍ୱାର-କଟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ , କଟକ ସଦର ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା ଓ ନିଆଳି ପ୍ରାର୍ଥୀ ପ୍ରମୋଦ ମଲ୍ଲିକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ତାଙ୍କର ଆଶୀର୍ବାଦ ନେଇଥିଲେ। ଏଥିସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମଧ୍ୟ ଭେଟି ଦଳ ସେମାନଙ୍କ ଆସ୍ଥା ପ୍ରକଟ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ବୈଶାଖୀ ବାଣିଜ୍ୟ ମେଳାର ଲକି ଡ୍ର’

**କଟକ,୨୮ ।୩(ସମିସ):** ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ହୋଇଥିବା ବୈଶାଖୀ ବାଣିଜ୍ୟ ମେଳା ଶେଷ ହୋଇଯାଇଛି। ତେବେ ମେଳାର ଏସି ହ୍ୟାଙ୍ଗରକୁ ବୁଲି ଆସିଥିବା ଲୋକଙ୍କ ନିମନ୍ତେ ଲକି ଡ୍ରର ବ୍ୟବସ୍ଥା ହୋଇଥିଲା। ଲକି ଡ୍ରର ୩ ବିଜେତାକୁ ପୁରସ୍କାର ପ୍ରଦାନ କରାଯାଇଛି। ଦେଉଳସାହିର ଚିନ୍ମୟୀ ପ୍ରତାପ ପ୍ରଥମ ପୁରସ୍କାର ଭାବେ ରେଫ୍ରିଜିରେଟର ଜିତିଥିଲେ। ରାଣୀହାଟର ମାୟୁକି ମିଶ୍ର ଏବଂ କଲେଜଛକର ଅମ୍ରିତା ସାହୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ହାସଲ କରିଥିଲେ। ମାୟୁକିଙ୍କୁ ଏଲଇଡି ଟିଭି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଯୋଜକ ଦେବୀ ପ୍ରସାଦ ଦାଶ, ସଞ୍ଜୀବ ବେହେରା, ଦିଲ୍ଲୀପ ସାହୁ, ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।




## ୟୁଥ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଖାଦ୍ୟ ବଣ୍ଟନ

**କଟକ,୨୮ ।୩(ସମିସ):** ହୋଲି ପର୍ବ ଉପଲକ୍ଷେ ସବୁ ମାର୍କେଟ ବନ୍ଦ ରହିଥିବାରୁ ୟୁଥ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କଟକ ସ୍ଥିତ ଶିଶୁ ଭବନ ମେଡିକାଲରେ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଦୂର ଦୁରାନ୍ତରୁ ରୋଗୀଙ୍କ ସହ ଆସିଥିବା ୮ ଶହ ସମ୍ପର୍କୀୟଙ୍କୁ ଲୋକଙ୍କ ପାଇଁ ଜଳଖିଆ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମସ୍ତ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।



# ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ କର୍ମଶାଳା

କଟକ,୨୮ ।୩(ସମିସ)

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସମାଜ ଶାସ୍ତ୍ର ବିଭାଗ ପକ୍ଷରୁ ‘ଉତ୍ତର ଭାରତରେ ତସ୍କରି କାରବାରର ପ୍ରତିଛେଦନ ଶୀର୍ଷକ’ରେ ଏକ ଆଲୋଚାଚକ୍ର ସଫଳତାର ସହ ଅନୁଷ୍ଠିତ ହୋଇଛି। ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ସମାଜ ଶାସ୍ତ୍ର ବିଭାଗରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ ଅଯାଇଲିଉ ନିୟୁମାଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉତ୍ତର ଭାରତରେ ତସ୍କରୀ କାରବାରର ପ୍ରତିଛେଦନ ଏବଂ ଏହାର ଫଳାଫଳ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନା ଚକ୍ରରେ ବିଭାଗୀୟ ମୁଖ୍ୟ ତଥା ଆବାହକ ପ୍ରଫେସର ବିକ୍ରମ କେଶରୀ ମିଶ୍ର ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିବା



ସହ ବିଷୟ ବସ୍ତୁ ସମ୍ପର୍କରେ ସମ୍ୟକ୍ ଧାରଣା ପ୍ରଦାନ କରିଥିଲେ। ସହାୟକ ପ୍ରଫେସର ଡା. ମନୋରଞ୍ଜନ ଦାସ ମୁଖ୍ୟଅତିଥିଙ୍କୁ ଏବଂ ସହାୟକ ପ୍ରଫେସର ଡ. ମନୋସ୍ମିତା ମହାପାତ୍ର ସହ ଅତିଥି ଡ଼ା ବିମଲ ଚନ୍ଦ୍ର ନନ୍ଦଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ପରିଶେଷରେ ପ୍ରଫେସର ଜେମ୍ସ କିଣ୍ଡୋ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଆଲୋଚନା ଚକ୍ରରେ ବିଭିନ୍ନ ବିଭାଗରେ ଅଧ୍ୟାପକ ଅଧ୍ୟାପିକା, ଗବେଷକ ଗବେଷିକା ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇ ଆଲୋଚନାଚକ୍ରକୁ ସଫଳ କରିଥିଲେ। ବିଭାଗର ଛାତ୍ରଛାତ୍ରୀ ଉଜ୍ଜ୍ୱଳା ରାୟ, ଆଦିତ୍ୟ ଆର୍ଯ୍ୟାନ୍ ସାହୁ, ସ୍ୱଲେହା ସିଦିକା, ଶ୍ରାବଣୀ ରାଣୀ ପଲେଇ, ଆକାଶ ତ୍ରିପାଠୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ପ୍ରଫୁଲ୍ଲ କୁମାର ମଲ୍ଲିକ୍

ଆବିର୍ଭାବ: ୨୩.୦୭.୧୯୬୪
ତିରୋଧାନ: ୧୫.୦୩.୨୦୨୪

ସୂଚନା ଓ ଲୋକସମ୍ପର୍କ ବିଭାଗର ଆପଣ ଥିଲେ ଜଣେ ଦକ୍ଷ ଅଧିକାରୀ। ଆପଣଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ଆପଣଙ୍କ ସରଳ ଅମାୟିକ ବ୍ୟବହାର, କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟଦକ୍ଷତା ପାଇଁ ଆପଣ ସର୍ବଦା ସ୍ମରଣୀୟ ହୋଇ ରହିବେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ :
ପରିବାରବର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀ ବୃନ୍ଦ।

# କଟକ ସିଟି






## ବରିଷ୍ଠ ନାଗରିକ ସଂଘର ହୋଲି ଉତ୍ସବ

**କଟକ,୨୮ ।୩(ସମିସ):** ରାଜାବଗିଚା ଲେବର କଲୋନୀର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ହୋଲି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଚୌଧୁରୀ ଶରତଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। କଟକ ବରିଷ୍ଠ ନାଗରିକ ମହାସଭାର ଉପଦେଷ୍ଟା ଡକ୍ଟର କୃପାସିନ୍ଧୁ ପଣ୍ଡା, ମହାସଂଘର ସମ୍ପାଦକ ବିଷ୍ଣୁମୋହନ ଦାସସାମନ୍ତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କେଶବଚନ୍ଦ୍ର ପଟ୍ଟନାୟକ, ମାଧବାନନ୍ଦ ବେହେରା, ସୁନାକର ମନ୍ତ୍ରୀ, ସୁକଦେବ ମହାନ୍ତି, ଗଗନ ରାୟ, ଉଦ୍ଧବ ବରାଳ, ରବିନ୍ଦ୍ରନାଥ ଜେନା, କିଶୋରଚରଣ ଦାସ, କୁଞ୍ଜବିହାରୀ ସାହୁ, ଦୟାନିଧି ବେଉରା, ପ୍ରଭାକର ପାତ୍ର, ଭରତ ମହାନ୍ତି, ଶିଶିର କୁମାର ରଥ, ସୁଧାଂଶୁ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ପରସ୍ପର ମଧ୍ୟରେ ରଂଗ ଖେଳିଥିଲେ।

## ଡଃ ଦାମୋଦର ରାଉତଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



**କଟକ,୨୮ ।୩(ସମିସ):** ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ଓ ଚେଲିତୋଳ କଲ୍‌ଚରାଲ୍ ଏକାଡେମୀ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ ତଥା ରାଜନେତା ଡଃ ଦାମୋଦର ରାଉତଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ ପ୍ରଭାକର ସ୍ୱାଇଁ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ସଭାରେ ଡଃ ହେମେନ୍ଦ୍ରନାରାୟଣ ଦାସ, ପ୍ରଫେସର ଡଃ ନିମାଇଁଚରଣ ପରିଜା, ପ୍ରାଧ୍ୟାପକ ତରୁଣ ସାହୁ, ପ୍ରଫେସର ଉମାଶଙ୍କର ମିଶ୍ର, ଡଃ ଭାଗବତ ଶୁକ୍ଳ, କବି ରାଜକିଶୋର ଦାସ, ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ, ଡଃ ଗୋଲକଚନ୍ଦ୍ର ବେହେରା, ଅଧ୍ୟାପକ ନିର୍ମଳଚନ୍ଦ୍ର ପହୀ, ଶ୍ରୀହର୍ଷ ରାଉତରାୟ, କୈଳାସଚନ୍ଦ୍ର ଦଳାଇ, ଅଧ୍ୟାପକ ଗୋପୀନାଥ ପଣ୍ଡା, ନଳିନୀକାନ୍ତ ପଣ୍ଡା ଯୋଗଦେଇ ଦିଂବଗତ ଡଃ ରାଉତଙ୍କ ବହୁମୁଖି ପ୍ରତିଭା ଓ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ। ଅମର ଆତ୍ମାର ସଦଗତି

# ନବଜାତକଙ୍କ ପାଇଁ ଉପଯୋଗୀ ଅମୃତ କେନ୍ଦ୍ର

**ବଡ ମେଡିକାଲ**
**୭ ମାସରେ ସଂଗ୍ରହ ହୋଇଛି ୧୮୦ଲିଟର ମା' କ୍ଷୀର**

କଟକ,୨୮ ।୩(ସମିସ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର 'ଅମୃତ' ଗତବର୍ଷ ଅଗଷ୍ଟରେ ଉଦ୍‌ଘାଟନ ହୋଇଥିଲା। ୭ ମାସ ଭିତରେ ଏହି କେନ୍ଦ୍ର ସଫଳତାର ସହ କାର୍ଯ୍ୟ କରି ଶହଶହ ନବଜାତକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛି। ମେଡିକାଲ କର୍ତ୍ତୃପକ୍ଷଙ୍କ ସଚେତନତା କାର୍ଯ୍ୟକ୍ରମ ଓ ସୁପରିଚାଳନା ଯୋଗୁଁ କୌଣସି ନବଜାତକ ଆଉ ମା' କ୍ଷୀରରୁ ବଞ୍ଚିତ ହେଉନାହାନ୍ତି। ଅସହାୟ କିମ୍ବା ମା' ଛେଉଣ୍ଡ ହୋଇ ପଡୁଥିବା ନବଜାତକଙ୍କ ପାଇଁ ଏହି କେନ୍ଦ୍ର ଯେପରି ଏକ ବରଦାନ ପାଲଟିଛି। ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତଙ୍କ ସୂଚନା ମୁତାବକ, ବଡ ମେଡିକାଲରେ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର 'ଅମୃତ' ଖୋଲିବା ଯୋଗୁଁ ନବଜାତକଙ୍କ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ଦୂର ହୋଇଛି। ଇତି ମଧ୍ୟରେ ୯୦୦ରୁ ଅଧିକ ମା' କ୍ଷୀର ଦାନ କରିଛନ୍ତି। ଆନୁମାନିକ ୧୮୦ଲିଟର ମା' କ୍ଷୀର ସଂଗ୍ରହ ହୋଇ ସାରିଛି। ଯାହାକି ପ୍ରାୟ ଏକ ହଜାର ନବଜାତକଙ୍କ କ୍ଷୁଧା ମେଣ୍ଟାଇଛି ବୋଲି ସେ ଜଣାଇଛନ୍ତି।




ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଗତବର୍ଷ ଅଗଷ୍ଟ ୪ରେ ବଡ ମେଡିକାଲରେ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର 'ଅମୃତ' ଉଦ୍‌ଘାଟିତ ହୋଇଥିଲା। ତତ୍କାଳୀନ ସିଏମସି କମିଶନର ତଥା ଏସ୍‌ସିବି ସ୍ୱାସ୍ଥ୍ୟ ବିକାଶ ସମିତିର ଅଧ୍ୟକ୍ଷ ନିଖିଳ ପଓ୍ୱନ କଲ୍ୟାଣ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ୟୁନିସେଫ ସହାୟତାରେ ଏହି କେନ୍ଦ୍ର ଖୋଲାଯାଇଛି। ନବଜାତକଙ୍କୁ ମାତୃ କ୍ଷୀର ଯୋଗାଇ ସେମାନଙ୍କୁ ସ୍ୱାସ୍ଥ୍ୟବାନ କରିବା ସକାଶେ ଏହିଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। ବିଶେଷକରି ମା'ମାନେ ସ୍ୱତଃପ୍ରବୃତ୍ତ ଭାବରେ ଏହି କେନ୍ଦ୍ରରେ ସେମାନଙ୍କର କ୍ଷୀର ଦାନ କରି ନବଜାତକଙ୍କ ଉନ୍ନତ ସ୍ୱାସ୍ଥ୍ୟ ଗଠନରେ ସହାୟକ ହୋଇପାରୁଛନ୍ତି। କମ୍ ଓଜନର ଶିଶୁ ଓ ମା' କ୍ଷୀରରୁ ବଞ୍ଚିତ ହେଉଥିବା ନବଜାତକ, ମା' କ୍ଷୀର ଟାଣି ପାରୁନଥିବା ଶିଶୁଙ୍କୁ ଏହି କେନ୍ଦ୍ର ମାଧ୍ୟମରେ ଆବଶ୍ୟକ କ୍ଷୀର ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ବିଶେଷକରି ବୈଜ୍ଞାନିକ ପଦ୍ଧତିରେ ନିର୍ଦ୍ଦିଷ୍ଟ ଉତ୍ତାପ ଦ୍ୱାରା ଦୁଗ୍ଧର ଜୀବାଣୁ ନାଶ (ପାଶ୍ଚରାଇଜେସନ୍) କରାଯାଇ ଏହି କ୍ଷୀରକୁ ୬ ମାସ ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଇପାରିବା ଭଳି ବ୍ୟବସ୍ଥା ଉପଲବ୍ଧ ଅଛି।

କେନ୍ଦ୍ର ଖୋଲିବା ପରେ ପ୍ରଥମ କିଛି ଦିନ ଏହା ସଠିକ ଭାବେ କାର୍ଯ୍ୟ କରିନଥିଲା। ସଚେତନତା ଅଭାବରୁ ପ୍ରସୂତିମାନେ ମା' କ୍ଷୀର ପ୍ରଦାନ କରୁନଥିଲେ। ପରବର୍ତ୍ତୀ ସମୟରେ ଏସ୍‌ସିବି କର୍ତ୍ତୃପକ୍ଷ ସଚେତନତା ସୃଷ୍ଟି କରି କେନ୍ଦ୍ରର ପରିଚାଳନାକୁ ବ୍ୟବସ୍ଥିତ କରିଛନ୍ତି। ଜଣେ ନବଜାତକର ପ୍ରଥମ ଆହାର ମା' କ୍ଷୀର। ବର୍ତ୍ତମାନର ପରିସ୍ଥିତିରେ ଅନେକ ପ୍ରସୂତି ସ୍ୱଇଚ୍ଛାରେ କ୍ଷୀର ଦାନ କରୁଛନ୍ତି। ଯେଉଁ ଶିଶୁ ମା' କ୍ଷୀରରୁ ବଞ୍ଚିତ ହେଉଛି, ତାକୁ କେନ୍ଦ୍ରରେ ଗଚ୍ଛିତ ରଖାଯାଇଥିବା କ୍ଷୀର ପ୍ରଦାନ କରାଯାଉଛି। ସଂଗ୍ରହ କରାଯାଉଥିବା ମା' କ୍ଷୀରକୁ ୪ଟି ପର୍ଯ୍ୟାୟରେ ପ୍ରକ୍ରିୟାକରଣ କରାଯାଇ ବିଶୁଦ୍ଧ ରଖାଯାଉଛି। ଜଣେ ପ୍ରସୂତିଙ୍କ କହିବା ମୁତାବକ, ନିଜ ଶିଶୁକୁ ଖାଦ୍ୟ ଦେବା ପରେ ବଳକା କ୍ଷୀରକୁ ଅମୃତ କେନ୍ଦ୍ରରେ ଦାନ କରୁଛି। ଯଦ୍ୱାରା ଅନ୍ୟ ଏକ ଶିଶୁ ଖାଦ୍ୟରୁ ବଞ୍ଚିତ ହେଉନାହିଁ। ଏହା ଏକ ମହତ କାର୍ଯ୍ୟ ବୋଲି ପ୍ରସୂତି ଜଣକ କହିଛନ୍ତି।



• କଟକ ଲୋକସଭା ଓ ୪ ବିଧାନସଭା ପାଇଁ ଏସୟୁସିଆଇ ପକ୍ଷରୁ ପ୍ରାର୍ଥୀ ଘୋଷଣା

# ଲୋକସଭା ପାଇଁ ରାଜକିଶୋର ମଲ୍ଲିକ ପ୍ରତିଦ୍ୱନ୍ଦ୍ୱିତା କରିବେ

କଟକ,୨୮ ।୩(ସମିସ)

ଚଳିତ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏସୟୁସିଆଇ (କମ୍ୟୁନିଷ୍ଟ) ପାର୍ଟିର କେନ୍ଦ୍ରୀୟ କମିଟିର ନିଷ୍ପତ୍ତିକ୍ରମେ କଟକ ଲୋକସଭା ଆସନରୁ ରାଜକିଶୋର ମଲ୍ଲିକ, କଟକ ସଦର ବିଧାନସଭା ଆସନରୁ ପରମାନନ୍ଦ ସେଠୀ, ଚୌଦ୍ୱାର-କଟକ ଆସନରୁ ଖଗେଶ୍ୱର ସେଠୀ, ବାରବାଟୀ-କଟକ ଆସନରୁ ଅକ୍ଷୟ ରାଉଳ ଓ ବାଙ୍କୀ ନିର୍ବାଚନ ମଣ୍ଡଳୀରୁ ମାଳବିକା ସାମଲ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆଜି ପାର୍ଟି ପକ୍ଷରୁ ଗାନ୍ଧୀଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପାର୍ଟିର କଟକ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ ଉପରୋକ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଆକାଶଛୁଆଁ ଦରବୃଦ୍ଧି, ବେକାରୀ ବୃଦ୍ଧି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚରମ ଅବହେଳା, ଚାଷୀ ମୂଲିଆଙ୍କ ଜୀବନରେ ସଙ୍କଟରେ ପଡିବା ଆଦିକୁ ଦଳ ପ୍ରସଙ୍ଗ କରିବ ବୋଲି କୁହାଯାଇଛି। ସିପିଆଇ, ସିପିଆଇ(ଏମ) ଓ ସିପିଆଇ(ଏମଏଲ) ଭଳି ବାମପନ୍ଥୀ ଦଳ ମାନେ ଭୋଟ ସର୍ବସ୍ୱ ଦଳମାନଙ୍କ ସହିତ ନିର୍ବାଚନୀ ମେଣ୍ଟ କରିବାରୁ ଏସୟୁସିଆଇ (କମ୍ୟୁନିଷ୍ଟ) ଏକକ ଭାବରେ ନିର୍ବାଚନରେ ଅଂଶଗ୍ରହଣ କରୁଛି। ସାମ୍ବାଦିକ ସମ୍ମିଳନୀରେ ଲୋକସଭା ଓ ବିଧାନସଭାର ପ୍ରାର୍ଥୀମାନଙ୍କ ସମେତ ଜିଲ୍ଲା କମିଟି ସଭ୍ୟ ବସନ୍ତ ନାୟକ, ବବି ବଳବନ୍ତରାୟ, ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ବିନୋଦ ସେଠୀ, ଇଷା ଧର, ତରୁଣସେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

**କଟକ,୨୮ ।୩(ସମିସ):** ସିଡିଏ ସେକ୍ଟର-୧୩ ସ୍ଥିତ ସେକ୍ରେଡ ରୁଟ୍ସ ପବ୍ଲିକ ସ୍କୁଲରେ ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଏନଆରଆରଆଇ)ର ବରିଷ୍ଠ ରିସର୍ଚ୍ଚ ଫେଲୋ ଡଃ ଶକ୍ତି ପ୍ରକାଶ ମହାନ୍ତି ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ରିତେଶ ମହାନ୍ତି, ନିର୍ଦ୍ଦେଶକ ସରିତା ଉପସ୍ଥିତ ରହି ଶିବିରର ଆଭିମୁଖ୍ୟ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଶିବିରରେ ଆତ୍ମରକ୍ଷା ପାଠ୍ୟକ୍ରମ, ଯୋଗ, ଆବାକସ୍, କଳା ଓ କାରିଗରୀ, ନୃତ୍ୟ, ସଙ୍ଗୀତ ଭଳି ଏକାଧିକ କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଶାସକ ମନୀଷ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।





## ରେକି ମିଶନର ନିଆରା ହୋଲି

**କଟକ,୨୮ ।୩(ସମିସ):** ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଖପୁରିଆ ସ୍ଥିତ ରେକୀ ମିଶନର ଶ୍ରୀ କୁଟୀର ପ୍ରାଙ୍ଗଣରେ ପୂଜ୍ୟ ବିଜ୍ଞାନୀଗୁରୁ ଶ୍ରୀସନ୍ଥଙ୍କ ଉପସ୍ଥିତିରେ ଏକ ନିଆରା ଢଙ୍ଗରେ ଫୁଲରେ ହୋଲି ପାଳିତ ହୋଇଯାଇଛି। ସାଧୁସନ୍ଥଙ୍କ ଆଶୀର୍ବାଦରେ ଶିଶୁ ସେନାଙ୍କ ସହିତ ରଙ୍ଗରେ ହୋଲି ନ ଖେଳି ଫୁଲରେ ହୋଲି ଖେଳିଥିଲେ। ଲଉଡି ଖେଳ, ପାଲା ଓ ପାଇକ ନୃତ୍ୟର ତାଳେ ତାଳେ ହୋଲିର ଏହି ମହାମିଳନ ପର୍ବରେ ସର୍ବପ୍ରଥମେ ଓଡ଼ିଶାର ବିଭିନ୍ନ ଆଶ୍ରମରୁ ଆସିଥିବା ସାଧୁସନ୍ଥଙ୍କ ସହ ଆଶ୍ରମର ଅନ୍ତେବାସୀମାନେ ସେମାନଙ୍କର ପଦ ପ୍ରକ୍ଷାଳନ କରି ପାଛୋଟି ନେଇଥିଲେ। ପୂଜ୍ୟ ବିଜ୍ଞାନୀ ଗୁରୁ ଶ୍ରୀସନ୍ଥ ଲଉଡି ଖେଳ ସହ ଆଶ୍ରମ ପରିସରକୁ ପ୍ରବେଶ ପରେ ଶିଶୁସେନାଙ୍କ ଦ୍ୱାରା ଫୁଲରେ ହୋଲି ଖେଳ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାପି ବରାଳ, ଲିପୁ ପୃଷ୍ଟି, ବିଶ୍ୱଜିତ୍ ବେଉରା, ରଶ୍ମିରଞ୍ଜନ ଦାସ, ଆଶିଷ ଠାକୁର, ବିନୋଦ ସ୍ୱାଇଁ, ବାପି ମହାପାତ୍ର, ସ୍ୱପ୍ନ ପ୍ରଧାନ, ରିନା ସରାଫ, ସଂଯୁକ୍ତା ସାହୁ, ପୂଜା ମହାରଣା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିବା ବେଳେ ପ୍ରଚାର ପ୍ରସାର ଦାୟିତ୍ୱରେ ବିଜୟ ମହାନ୍ତି ଓ ଭାରତ ଭୂଷଣ ରାୟ ପ୍ରମୁଖ ସୁଚାରୁ ରୂପେ ତୁଲାଇଥିଲେ।

# ଡ୍ରିମ୍‌ସରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

କଟକ,୨୮ ।୩(ସମିସ)




ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ମହିଳା ସଶକ୍ତିକରଣ ଓ ସାମାଜିକ ଉତ୍ତର ଦାୟିତ୍ୱ କାର୍ଯ୍ୟକ୍ରମ ଅନ୍ତର୍ଗତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଆଜି ଶୁଭାରମ୍ଭ ହୋଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶିକା ଚିନ୍ମୟୀ ରଥ ଫିତାକାଟି ଏହି ପ୍ରକଳ୍ପର ଶୁଭାରମ୍ଭ କରିବା ଅବସରରେ ବ୍ୟାଙ୍କ ପଦକ୍ଷେପ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଏଭଳି ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। ବ୍ୟାଙ୍କର ମୁଖ୍ୟ ପରିଚାଳକ ଅମ୍ରିତା ଲାଲା, ଡ୍ରିମ୍‌ସ ଶାଖା ପରିଚାଳକ ତସନମ୍ ନାଗ, ଚାଉଳିଆଗଞ୍ଜ ଶାଖାର ନବନୀତା ସେନ୍, ମହାନଦୀ ବିହାର ଶାଖା ପରିଚାଳକ ସ୍ୱସ୍ତିକା ସ୍ୱାଇଁ ଏବଂ ମାର୍କେଟିଂ ଅଫିସର ଶ୍ୱେତସ୍ମିତା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରୋଗ୍ରାମ ମ୍ୟାନେଜର ସୁନୟ ମିଶ୍ର, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ, ସୁରକ୍ଷା ଅଧିକାରୀ ରାଜକିଶୋର ବିଶ୍ୱାଳ, ସୁମନ୍ତ ନାୟକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ଦ୍ୱାରା ଛାତ୍ରଛାତ୍ରୀ ତଥା ପଦ୍ମିନୀ କେୟାର ହସ୍‌ପିଟାଲକୁ ଆସୁଥିବା ବ୍ୟକ୍ତି ଓ ସାଧାରଣ ପଥଚାରୀ ଉପକୃତ ହେବେ ବୋଲି ବ୍ୟାଙ୍କର ଡ୍ରିମ୍‌ସ ଶାଖା ପରିଚାଳକ କହିଛନ୍ତି।

**ଆଶୀର୍ବାଦଙ୍କୁ ଭେଟିଲେ ସନ୍ତୃପ୍ତ**

# ସୁଦୃଢ଼ ହେଉଛି ବିଜେଡିର ସମୀକରଣ

କଟକ,୨୮ ।୩(ସମିସ)

ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଗୁରୁବାର ବାରବାଟୀ ଷ୍ଟାଡିୟମ ଯାଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) କାର୍ଯ୍ୟାଳୟରେ ଶ୍ରୀ ମିଶ୍ର ରାଜ୍ୟର ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରିଥିଲେ। ଏହି ଅବସରରେ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହା ସୌଜନ୍ୟମୂଳକ ସାକ୍ଷାତ କୁହାଯାଉଥିଲେ ସୁଦ୍ଧା ଏହି ଭେଟଘାଟକୁ ନେଇ ରାଜନୈତିକ ଆଲୋଚନା ସରଗରମ ହୋଇଛି।

ସାଂସଦ ପ୍ରାର୍ଥୀ ସନ୍ତୃପ୍ତଙ୍କ ପ୍ରତି ଆଶୀର୍ବାଦଙ୍କ ସମର୍ଥନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଚାରି ଦଶନ୍ଧି ଧରି ରାଜ୍ୟର ଅନେକ କ୍ରୀଡ଼ା ସଂଘର ମଙ୍ଗ ସମ୍ଭାଳି ଆସୁଛନ୍ତି ଆଶୀର୍ବାଦ। କେବଳ କ୍ରୀଡ଼ା ସଙ୍ଗଠକ ନୁହେଁ ରାଜନୀତି କ୍ଷେତ୍ରରେ ଶ୍ରୀ ବେହେରାଙ୍କ ପରିଚୟ ମଧ୍ୟ ଭିନ୍ନ। ସାଧାରଣ ନିର୍ବାଚନ ହେଉ କି ମହାନଗର ନିଗମର ନିର୍ବାଚନ, ଆଶୀର୍ବାଦ ରାଜନୀତି ମଇଦାନରେ ପ୍ରତ୍ୟକ୍ଷ ଭାବେ ସକ୍ରିୟ ରୁହନ୍ତି। ତାଙ୍କ ଗୋଟି ଚାଳନାରେ ଫଳାଫଳ ମଧ୍ୟ ନିର୍ଭର କରେ। ଏପରିକି ଆଶୀର୍ବାଦଙ୍କ ସମର୍ଥକଙ୍କ ସଂଖ୍ୟା ବି କଟକରେ କମ୍ ନୁହେଁ। ଅନେକ କ୍ରୀଡ଼ା ସଙ୍ଗଠନ, କ୍ଲବ ଆଦି ତାଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ। ଏଣୁ ସନ୍ତୃପ୍ତଙ୍କ ପାଇଁ ଭୋଟ ବ୍ୟାଙ୍କ ସୃଷ୍ଟି କରିବାରେ ଆଶୀର୍ବାଦ ନିହାତି ରୂପେ ମୁଖ୍ୟ ଭୂମିକା ତୁଲାଇ ପାରନ୍ତି ବୋଲି ଆଲୋଚନା ହେଉଛି। ଏହି ପରିପ୍ରେକ୍ଷୀରେ ସନ୍ତୃପ୍ତ ଓ ଆଶୀର୍ବାଦଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସକରାତ୍ମକ ହୋଇଥିବା ବିଶେଷ ସୂତ୍ରରୁ ଖବର ମିଳିଛି।



• ସାମଲ-ଲିଟୁ ସ୍ମାରକୀ କ୍ରିକେଟ

## କାବେରୀ ଫାଇଟର୍ସ ଚାମ୍ପିଅନ

**କଟକ,୨୮ ।୩(ସମିସ):** ବାଲିସାହିରେ ସାମଲ-ଲିଟୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପଞ୍ଚମୁଖୀ ପ୍ରିମିୟର ଲିଗ୍ ନାମରେ ପରିଚିତ ଏହି ଟୁର୍ଣ୍ଣାମେଣ୍ଟର ଏକ ରୋମାଞ୍ଚକ ଫାଇନାଲ ମୁକାବିଲାରେ ଏସ୍‌ପି ୱାରିୟର୍ସକୁ ପରାସ୍ତ କରି କାବେରୀ ଫାଇଟର୍ସ ଦଳ ଚାମ୍ପିଅନ ଟାଇଟଲ୍ ହାସଲ କରିଛି। ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମାନସ ନାୟକ, ସନ୍ତୋଷ ମହାନ୍ତି, ଶରତ କୁମାର ମାହାଳିକ, ଟୁବା ଶତପଥୀ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ସ୍ଥାନୀୟ ଅଞ୍ଚଳର ଦୁଇ ଦିବଂଗତ ଯୁବକ ଜ୍ୟୋତି ରଞ୍ଜନ ସାମଲ ଏବଂ ଲିଟୁ ସାହୁଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେଉଛି। ଚଳିତ ସଂସ୍କରଣରେ ମୋଟ ୬ଟି ଦଳ ଯଥା, ରୟାଲ କିଙ୍ଗ, ବ୍ଲାଷ୍ଟ ଏକାଦଶ, ଏସପି ୱାରିୟର୍ସ, କାବେରୀ ଫାଇଟର୍ସ, ନିରାକାର ୱାରିୟର୍ସ, ଚିକୁ ଏକାଦଶ ଦଳ ଭାଗ ନେଇଥିଲେ।

## ଡ.ପ୍ରସନ୍ନ କୁମାର ଦାସ ଭାରତୀୟ ମାନବାଧିକାର ପରିଷଦର ଆଜୀବନ ସଦସ୍ୟ



**ନିଶ୍ଚିନ୍ତକୋଇଲି,୨୮।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳ ପଞ୍ଚାୟତ ମଲ୍ଲୀପୁର ଗ୍ରାମର ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଡ. ପ୍ରସନ୍ନ କୁମାର ଦାସଙ୍କୁ ଭାରତୀୟ ମାନବାଧିକାର ପରିଷଦର ଆଜୀବନ ସଦସ୍ୟ ଭାବେ ମାନ୍ୟତା ଦିଆଯାଇଛି। ଶ୍ରୀ ଦାସଙ୍କୁ ରାଜ୍ୟସ୍ତରରେ ସକ୍ରିୟ ସଭ୍ୟ ରୂପେ କାର୍ଯ୍ୟକ୍ରମ କରିବା ପାଇଁ ନିର୍ଦ୍ଦେଶ ମଧ ଦିଆଯାଇଛି। ଏହି ଅବସରରେ ତାଙ୍କୁ ପରିଷଦ ପକ୍ଷରୁ ପ୍ରମାଣପତ୍ର ଓ ପରିଚୟ ପ୍ରଦାନ ମଧ କରାଯାଇଛି। ଶ୍ରୀ ଦାସ ସରକାରୀ ଚାକିରିରୁ ଅବସର ଗ୍ରହଣ କରିବା ପରେ ସାମାଜିକସ୍ତରରେ ବିଭିନ୍ନ ଜନହିତକର କାର୍ଯ୍ୟ କରିବା ଏବଂ ବିଭିନ୍ନ ଅନୁଷ୍ଠାନରେ ରହି ତାହାକୁ ସମୃଦ୍ଧି କରିବା କ୍ଷେତ୍ରରେ ବେଶ ପାରଦର୍ଶିତା ଲାଭ କରିଥିବାରୁ ତାଙ୍କୁ ଏଭଳି ମାନ୍ୟତା ଦିଆଯାଇଛି। ଆଜୀବନ ସଭ୍ୟ ଭାବେ ମାନ୍ୟତା ପାଇ ଏହି ବ୍ଲକ ଅଞ୍ଚଳକୁ ଗୌରବାନ୍ୱିତ କରିଥିବାରୁ ବିଭିନ୍ନ ମହଲରେ ତାଙ୍କୁ ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

## ଅଭିଯୁକ୍ତକୁ କାବୁ କରି ପୁଲିସ ଜିମାଦେଲେ ଗ୍ରାମବାସୀ

**ମାହାଙ୍ଗା,୨୮।୩(ସମିସ)**





ମାହାଙ୍ଗା ଥାନା ଗୁଣ୍ଡପୁର ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଫଳରେ ମହିଳା ଜଣକ ଗୁରୁତର ଆହାତ ହୋଇ କଟକ ବଡ ମେଡିକାଲରେ ମୁମୂର୍ଷ ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାଯାଇଛି।

ପ୍ରକାଶ ଯେ ଅଭିଯୁକ୍ତ କୈଳାସ ଚନ୍ଦ୍ର ସାହୁ ଦୀର୍ଘ ଦିନ ଧରି ଗୁଣ୍ଡପୁର ଗ୍ରାମରେ ଚୋରା ମଦ କାରବାର କରୁଥିଲା। ଏହି ଚୋରା କାରବାରକୁ ଅଞ୍ଚଳବାସୀ ଓ ରଶ୍ମିତାଙ୍କ ପରିବାର ବିରୋଧ କରୁଥିବାରୁ ଦୀର୍ଘ ଦିନ ଧରି ଶତ୍ରୁତା ଲାଗି ରହିଥିଲା। ଏପରିକି ଆକ୍ରମଣକାରୀ କୈଳାସ ରଶ୍ମିତା ପରିବାରକୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇ ଆସୁଥିଲେ। ଆଜି ହଠାତ୍ ମଧ୍ୟାହ୍ନରେ ଏହି ଚୋରା ମଦ ବିକ୍ରିକୁ ନେଇ କୈଳାସ ରଶ୍ମିତାଙ୍କ ଘରେ ପହଞ୍ଚି ତାଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ରଶ୍ମିତା ବିରୋଧ କରିବାରୁ କୈଳାସ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। କୈଳାସ ରଶ୍ମିତାଙ୍କୁ ହାଣି ଫେରାର ହେଇଯାଉଥିବାବେଳେ ସ୍ଥାନୀୟ ଗ୍ରାମବାସୀ ତାକୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ପକାଇ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ମାହାଙ୍ଗା ଥାନା ପୁଲିସ ଗୁଣ୍ଡପୁର ଗ୍ରାମରେ ପହଞ୍ଚି ଆକ୍ରମଣକାରୀ କୈଳାସ ଚନ୍ଦ୍ର ସାହୁକୁ ଉଠାଇ ନେଇ ଘଟଣାର ତଦନ୍ତ କରୁଛି। ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି, ୨୮।୩(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କ ଉପରେ ଆସ୍ଥା ଓ ଭରସା ରଖି ପୁନର୍ବାର ତୃତୀୟ ଥର ପାଇଁ କଟକ ସଦରବାସୀଙ୍କ ସେବା କରିବାକୁ ବିଧାୟକ ପ୍ରାର୍ଥୀ ଭାବେ ବିଜୁ ଜନତା ଦଳରୁ ନିର୍ବାଚନରେ ଅବତୀର୍ଣ୍ଣ ହେବାକୁ ନାମ ଘୋଷଣା କରିଛନ୍ତି। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟକ ସଦର ନିର୍ବାଚନ ମଣ୍ଡଳୀରେ ଥିବା ୧୪ଟି ପଞ୍ଚାୟତର ଜନପ୍ରତିନିଧି ଏବଂ ବ୍ଲକ ବିଜେଡି ପକ୍ଷରୁ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନେମାଳ ଅଚ୍ୟୁତାନନ୍ଦଙ୍କ ପୀଠରେ କଟକ ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ଅଚ୍ୟୁତାନନ୍ଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ୱାଗତ ଉତ୍ସବରେ କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ନୃସିଂହଚରଣ ମୁଦୁଲି, ବିଜେଡି ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ନାୟକ, ସରପଞ୍ଚ ସ୍ୱାଧୀନ ଭୂୟାଁ, ପ୍ରାକ୍ତନ ସରପଞ୍ଚ ସରୋଜ ବେହେରା, ଜିଲ୍ଲାପରିଷଦ ସଭ୍ୟ ଇଂ.ବିଳାସ ଭୋଇ, ଶାବିର ମହମ୍ମଦ, ଦୁର୍ଗାପ୍ରସାଦ ଦାସ, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, କିଶୋର ସାହାଣୀ, ସୌଭାଗ୍ୟଲକ୍ଷ୍ମୀ ମଲିକ, ନନ୍ଦିନୀ ନାୟକ, ରମାକାନ୍ତ ବେହେରା, ତାରାକାନ୍ତ ମଲିକ, ଶରତ ସାମଲ, ବିମଳପ୍ରସାଦ ଦାସ, ସୁନାକର ସାହୁ, ରଘୁନାଥ ସେଠୀ, ବିଶ୍ୱନାଥ ପଣ୍ଡା, ଉମେଶ ଭୂୟାଁ, ନାରାୟଣ ସ୍ୱାଇଁ, ତରଣୀସେନ ଜେନା, ରତିକାନ୍ତ ଭୂୟାଁ, ମାନଗୋବିନ୍ଦ ଦାସ, କାଳିନ୍ଦୀ ଭୋଇ, ହେମନ୍ତ ବେହେରା, ଚନ୍ଦ୍ରକାନ୍ତ ବେହେରା, ବିଶ୍ୱଜିତ୍ ପରିଡ଼ା, ଦର୍ଶନୀ ନାୟକ, ବଳଦେବାନନ୍ଦ ଦାସ, ହିମାଂଶୁ ଶେଖର ଦାସ, ବବି ସିଂ, କାମିନୀ ସ୍ୱାଇଁ, ପଦ୍ମାବତୀ ସାହୁ, ସସ୍ମିତା ମହାନ୍ତି, ନିରଞ୍ଜନ ନାୟକ, ବିଷ୍ଣୁଚରଣ ଦାସ, ଦିବାକର ସାହୁ, ନରହରି ବାରିକ, ବାବାଜୀ ନାୟକଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇ ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏପରିକି ଆଗାମୀ ସାଧାରଣ ନିର୍ବାଚନରେ କିଭଳି ଭାବେ ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କ ବିପୁଳ ବିଜୟ ହୋଇପାରିବ ସେଥିପାଇଁ ସମସ୍ତ ବିଜୁ ଜନତା ଦଳ କର୍ମୀ ଶ୍ରୀ ଶ୍ରୀ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ନିକଟରେ ପୂଜାର୍ଚ୍ଚନା ସହ ଦୀପ ଦାନ କରିଥିଲେ।

## ମା' କାଳିଆ ଦେଈଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



**ନିଶ୍ଚିନ୍ତକୋଇଲି, ୨୮।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ପଞ୍ଚାୟତ ହରିରାଜପୁର ଗ୍ରାମର ଆରାଧ୍ୟା ଦେବୀ ଗ୍ରାମଦେବତୀ ମାଆ କାଳିଆ ଦେଈଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୩୦୧ ଶ୍ରଦ୍ଧାଳୁ ପବିତ୍ର ଲୁଣାନଦୀରୁ ଜଳ ଉତ୍ତୋଳନ କରି କଳସୀ ଯାତ୍ରାରେ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପଣ୍ଡିତ ନରେନ୍ଦ୍ର କୁମାର ରାଜଗୁରୁ, ମନ୍ଦିର ପୂଜକ ପ୍ରଭାକର ରଣା ଓ ସାଥୀ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା ଓ ବିବିଧ ଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ଇନ୍ଦ୍ରମଣୀ ତ୍ରିପାଠୀ ଏବଂ ତାଙ୍କ ପତ୍ନୀ ପ୍ରିୟତମା ତ୍ରିପାଠୀ କାର୍ଯ୍ୟ ତୁଲାଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଦୀପ୍ତ କୁମାର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ସମିତିସଭ୍ୟ ବୈକୁଣ୍ଠନାଥ ଶତପଥୀ, ପ୍ରାକ୍ତନ ସରପଞ୍ଚ ବସନ୍ତ କୁମାର ବେହେରା, ଯଜ୍ଞ କମିଟିର ସଭ୍ୟ କିଶୋର ତ୍ରିପାଠୀ, ଯଶୋବନ୍ତ ଦଳାଇ, ବିଦ୍ୟାଧର ବେହେରା, ସୌରୀଚରଣ ବେହେରା, ଦେବେନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ବେହେରା, କିଶୋର ସ୍ୱାଇଁଙ୍କ ସମେତ ଗ୍ରାମବାସୀମାନେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରବଚନ ଓ ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କର କୃପା ଭିକ୍ଷା କରିଥିଲେ।

## ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**କଟକ, ୨୮।୩(ସମିସ):** କଟକ ସଦର ୪୨ମୌଜା ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ବିଭାଗର ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଦର୍ଶନ ଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପିକା ରୂପନନ୍ଦା କାନୁନଗୋଙ୍କ ଅଧକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ଡ.ବିଜୟ କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ଅଧ୍ୟାପକ ବିଜୟ ସାହୁ, ଗଣେଶ ଦାସ, ବିରଞ୍ଚି ମହାପାତ୍ର, ଡ.ସସ୍ମିତା ରାଓ, ଡ.ସଂଘମିତ୍ରା ବିଶ୍ୱାଳ, ବିଜୟ ଚୌଧୁରୀ, ସୁପ୍ରିୟା ସାହୁ, ପ୍ରଫୁଲ୍ଲ ମହାନ୍ତି, ଦୀପ୍ତି ଦାସ ପ୍ରମୁଖ ଯୋଗଦେଇ ସାହାଯ୍ୟ ସହଯୋଗ କରିଥିଲେ।

## ଜିଏସ୍ '୭୮ ଓ୍ୱିଣ୍ଟର ଫେଷ୍ଟ -୨୦୨୪



**କଟକ, ୨୮।୩(ସମିସ):** କଟକ ସଦର ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ସିଦ୍ଧେଶ୍ୱରପୁର ସ୍ଥିତ, ଓଡିଆ ଭାଷାକୋଷର ପ୍ରଣେତା ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ନାମରେ ନାମିତ ଗୋପାଳ ସ୍ମୃତି ବିଦ୍ୟାପୀଠର ୧୯୭୮ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଏହି ବ୍ୟାଚର ଅନେକ ଛାତ୍ରଛାତ୍ରୀ ଓଡ଼ିଶା ତଥା ଭାରତର ବିଭିନ୍ନ ଉଚ୍ଚ ପଦପଦବୀରେ ଚାକିରି କରି ଏବେ ଅବସରପ୍ରାପ୍ତ। ପ୍ରାରମ୍ଭରେ ଦିବଂଗତ ସହପାଠୀ ରଞ୍ଜିତ ରାୟ ଓ ତ୍ରିଲୋଚନ ରାଉତଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଦୀର୍ଘ ୪୫ ବର୍ଷ ପରେ ସବୁ ସହପାଠୀ ସେମାନଙ୍କର ପରିବାର ସହିତ ଏକାଠି ହୋଇଥିବାରୁ ଏକ ଆନନ୍ଦମୟ ପରିବେଶ ସୃଷ୍ଟି ହେବା ସହିତ ସ୍କୁଲ ବେଳର ନିଜ ନିଜର ସ୍ମୃତିକୁ ରୋମନ୍ଥନ କରି ଉଲ୍ଲସିତ ହୋଇଥିଲେ। ଏଥିରେ ୧୯୭୮ ବ୍ୟାଚର ଉମେଶ ଚନ୍ଦ୍ର ଜେନା, ଉମେଶ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ କୁମାର ମିଶ୍ର, ଅକ୍ଷୟ କୁମାର ଭୂୟାଁ, ଭରତ ଚନ୍ଦ୍ର ପ୍ରଧାନ, ପ୍ରଦୀପ ବିଶ୍ୱାଳ, ନିରଞ୍ଜନ ପରିଡ଼ା, ସୁଶିଲ ପ୍ରଧାନ, ପ୍ରଶାନ୍ତ ଜେନା, ସନ୍ତୋଷ ଦାଶ, ସୁରତ ମାଝୀ, ଯତିନ୍ଦ୍ର ମହାପାତ୍ର, ଦୁଃଖୀଶ୍ୟାମ ରାଉଳ, ଧନେଶ୍ୱର ଭୋଇ, ଶ୍ରୀଧର ମଲ୍ଲିକ, ଯୋଗେନ୍ଦ୍ର ଦଳେଇ, ରବୀନ୍ଦ୍ର ଦାସ, ତ୍ରିଲୋଚନ ଦାସ, ମନୋରଞ୍ଜନ ଦାଶ, ସୁରେଶ ବ୍ରହ୍ମା, ଶ୍ୱେତାମ୍ବର ରାଉତ, ଦୁଷ୍ମନ୍ତ ବେହେରା, ଲୋକନାଥ ଦାସ, ଗୋପାଳ ବେହେରା, ପ୍ରସନ୍ନ ସାହୁ, ନିର୍ମଳ ସାହୁ, ବିଜୟ ଆଚାର୍ଯ୍ୟ, ବେଣୁଧର ଶତପଥୀ, ନମିତା ନନ୍ଦ, କଳ୍ପନା ନନ୍ଦ, ବନଶ୍ରୀ ଜେନା, ପ୍ରତିମା ତରାଇ, ବଉଳ ଜେନା, ପ୍ରଭାତନଳିନୀ ଜେନା, ମାଧବ ବେହେରା, ନିରଞ୍ଜନ ପ୍ରଧାନ, ରମେଶ କର ଓ ନାରାୟଣ ଦଳେଇ ପ୍ରଭୃତି ସପରିବାର ଯୋଗଦେଇଥିଲେ।

## ଶ୍ରୀରାମ ନାଟ୍ୟ ସଂସଦକୁ ସଫଳତା



**ବାଙ୍କୀ, ୨୮।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ବାଟିପଡ଼ା ଦୋଳ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ ବାଙ୍କୀ ପାଟପୁର ଶ୍ରୀରାମ ନାଟ୍ୟ ସଂସଦ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଉପଲକ୍ଷେ ସେଠାରେ ଶ୍ରୀରାମ ନାଟ୍ୟ ସଂସଦକୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ଟି ଲଉଡି ନୃତ୍ୟ ଦଳ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପୁଲିସ ନୀରିକ୍ଷକ ଗୋକୁଳଚନ୍ଦ୍ର ସାହୁ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସଂପାଦକ ଅଶୋକ କୁମାର ବେହେରା ଓ ସମସ୍ତ ସାଥୀ କଳାକାରଙ୍କୁ ଏହି ଉତ୍ସବରେ ମଧ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ବାଙ୍କୀ କଲେଜ ଉପାଧକ୍ଷଙ୍କୁ ସମ୍ବର୍ଦ୍ଧନା



**ବାଙ୍କୀ, ୨୮।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ତରଫରୁ କଲେଜ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ଉତ୍ସବରେ ବିଭାଗୀୟ ମୁଖ୍ୟ ଡ. ପ୍ରଦୀପ କୁମାର ଦେବତା ଯୋଗଦାନ କରି ଉପାଧକ୍ଷ ମହାପାତ୍ରଙ୍କ କାର୍ଯ୍ୟଦକ୍ଷତା ଓ ପାଠପଢ଼ା ଶୈଳୀ ଉପରେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ଚିନ୍ମୟ ଚିରସୁନ୍ଦର ଦାଶ, ଅଧ୍ୟାପିକା ସୁଲଗ୍ନା ପଣ୍ଡା, ଅଧ୍ୟାପକ ଅଂଶୁମାନ ପ୍ରଧାନ ଓ ଅଧ୍ୟାପିକା ସନ୍ଧ୍ୟାରାଣୀ ପୁହାଣ ଯୋଗଦାନ କରି ସେମାନଙ୍କର ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପକ ମହାପାତ୍ରଙ୍କୁ ବିଭାଗୀୟ ତରଫରୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁରଥ ରାଉତଙ୍କୁ ପାର୍ବତୀ-ଗୋବିନ୍ଦ ସ୍ମୃତି ସାହିତ୍ୟ ସମ୍ମାନ



**ନିଶ୍ଚିନ୍ତକୋଇଲି, ୨୮।୩(ସମିସ):** ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଲେଖନୀ ଚାଳନା କରି ବେଶ ସୁନାମ ଅର୍ଜନ କରିଥିବା ସୁରଥ କୁମାର ରାଉତଙ୍କୁ ପାର୍ବତୀ-ଗୋବିନ୍ଦ ସ୍ମୃତି ସାହିତ୍ୟ ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି। ଭଦ୍ରକ ଜିଲ୍ଲା ଧୂଷୁରୀ ପଣ୍ଡାପାଟଣା ଠାରେ ଥିବା ପାର୍ବତୀ-ଗୋବିନ୍ଦ ସ୍ମୃତି ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦୋଳ ପୂର୍ଣ୍ଣିମା ଓ ହୋଲି ମହୋତ୍ସବରେ ଅନୁଷ୍ଠାନ ପକ୍ଷରୁ ଶ୍ରୀ ରାଉତଙ୍କୁ ମାନପତ୍ର, ପଦକ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସଭାପତି ଗୋଲାପ ନନ୍ଦଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଡ.ପ୍ରସନ୍ନ କୁମାର ପାଟଶାଣୀ, ଉତ୍କଳ ଗ୍ରାମ ସ୍ୱରାଜର ସଭାପତି ବ୍ରହ୍ମାନନ୍ଦ ମହାନ୍ତି, ଶିଶୁ ସାହିତ୍ୟିକ ଡ.ମହେଶ୍ୱର ମହାନ୍ତି, ନାଟ୍ୟକାର ବୈଜୟନ୍ତ ମିଶ୍ରଙ୍କ ସମେତ ବହୁ ସାରସ୍ୱତ ସାଧକମାନେ ଯୋଗଦେଇଥିଲେ। ପରିବାର ସାହିତ୍ୟ ସଂସଦର ସଭାପତି ତଥା ଏହି ଅଞ୍ଚଳର ସୁନାମଧନ୍ୟ ସାରସ୍ୱତ ସାଧକ ଶ୍ରୀ ରାଉତଙ୍କୁ ଏଭଳି ସମ୍ମାନ ଦିଆଯାଇଥିବାରୁ ଏ ଅଞ୍ଚଳର ବହୁ ସାହିତ୍ୟିକ, ବୁଦ୍ଧିଜୀବୀମାନେ ତାଙ୍କୁ ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## କୁକୁଡ଼ା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ



**ଟାଙ୍ଗୀ, ୨୮।୩(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳିସ୍ଥିତ ଡାଲମିଆ ସିମେଣ୍ଟ କମ୍ପାନୀର ଡାଲମିଆ ଭାରତ ଫାଉଣ୍ଡେସନର ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ ମାଧ୍ୟମରେ ଆତ୍ମନିର୍ଭରଶୀଳ ନିମନ୍ତେ କୁକୁଡା ଛୁଆ ବଣ୍ଟନ କରାଯାଇଛି। ସିଏସଆର ମୁଖ୍ୟ କବିତା ସାହୁଙ୍କ ପୌରୋହିତ୍ୟରେ ବୈରୀ, ଝାଟିଆ, ତଳପଟ ମଣିଆ, ହଡାସାହି, ଅମୀୟଝରୀ, ବରଗଡ଼ା, ବରୁଣିଆ, ନିମଡିହ, ଛଘରିଆ, ସପନପୁର, ହଳଦୀବସନ୍ତ, କାନପୁର ଓ ଗରୁଡ଼ଗାଁ ଆଦି ଗ୍ରାମରେ ୩୪୦ ଜଣଙ୍କୁ ୪ ହଜାର ୪୨୦ଟି ସୋନାଲି କୁକୁଡା ଛୁଆ ବଣ୍ଟନ କରାଯାଇଥିବା ଜାଣିବାକୁ ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି,୨୮।୩(ସମିସ)**




କଟରପଡ଼ା କ୍ଷେତ୍ରମୋହନ ବିଦ୍ୟାପୀଠ ଆନୁକୂଲ୍ୟରେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଜଳ ସଂରକ୍ଷଣ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାପୀଠର ଇକୋ କ୍ଲବ ପକ୍ଷରୁ ଛାତ୍ରଛାତ୍ରୀମାନେ ସମ୍ପ୍ରତି ଗ୍ରୀଷ୍ମକାଳ ପାଇଁ ଜଳର ସଂରକ୍ଷଣର ଆବଶ୍ୟକତା ସଚେତନତା ସଂକ୍ରାନ୍ତରେ ବିଭିନ୍ନ ସ୍ଲୋଗାନ ଦେଇ ହାତରେ ପ୍ଲାକ୍ କାଡର୍ ଧରି ସ୍ଥାନୀୟ ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ କଟରପଡ଼ା ସରପଞ୍ଚ ରାକେଶ କୁମାର ସାମଲ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଏନସିସି ଅଫିସର ମହେନ୍ଦ୍ର କୁମାର ଘଡ଼ାଇଙ୍କ ସଂଯୋଜନାରେ ଆୟୋଜିତ ଏକ ସଚେତନତା ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ପଟ୍ଟନାୟକ, ସ୍ୱେଚ୍ଛାସେବୀ ସନ୍ତୋଷ ଜେନା, ପ୍ରଧାନଶିକ୍ଷକ ଲକ୍ଷ୍ମୀପ୍ରିୟା ପଣ୍ଡା, ସାହିତ୍ୟିକ ବିଷ୍ଣୁଚରଣ ମିଶ୍ର, ଶିକ୍ଷାବିତ୍ ଜଗଦୀଶ କର ଯୋଗଦେଇ ଛାତ୍ରଛାତ୍ରୀମାନେ ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟ କରି ସାମାଜିକ ପରିବର୍ତ୍ତନରେ ଭାଗିଦାରୀ ହେବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷୟିତ୍ରୀ ମମତା ପ୍ରିୟଦର୍ଶିନୀ ଲେଙ୍କା, ଶୁଭଶ୍ରୀ ଷଡଙ୍ଗୀ, ମାଳତୀ ସେଠୀ, ଅରୁନ୍ଧତୀ ଦାସ, ଲକ୍ଷ୍ମୀପ୍ରିୟା ନାୟକ, ପ୍ରିୟବ୍ରତ ସାମଲ, ପ୍ରଶାନ୍ତ ସ୍ୱାଇଁ, ଶରତ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା



**ବାଙ୍କୀ, ୨୮।୩(ସମିସ):** ବାଙ୍କୀ କଲେଜ ସ୍ନାତକୋତ୍ତର ମନସ୍ତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ନିକଟରେ ଅବସର ନେବାକୁ ଥିବା ଅଧକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଓ ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାସଙ୍କୁ ବିଭାଗ ତରଫରୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭାଗୀୟ ମୁଖ୍ୟ ଡ. ମୁରଲୀଧର ରଥ ସଭାପତିତ୍ୱ କରି ମହାବିଦ୍ୟାଳୟର ତିନିଜଣ ବରିଷ୍ଠ ପ୍ରାଧ୍ୟାପକ କଲେଜର ସମ୍ପଦ ଭାବେ ବର୍ଣ୍ଣନା କରିଥିଲେ। ଉକ୍ତ ଉତ୍ସବରେ ଡ. ଅବନ୍ତୀକା କର, ଡ. କେକା ଭରଦ୍ୱାଜ, ଅଧ୍ୟାପକ ପ୍ରଶାନ୍ତ ଭୋଇ, ସୁଜିତ ସାହୁ ଓ ପଦ୍ମଜା ମହାରଣା ଏବଂ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଯୋଗଦାନ କରି ଉତ୍ସବକୁ ସଫଳ କରିଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

**ବଡ଼ମ୍ବା,୨୮ ।୩(ସମିସ):** ବଡ଼ମ୍ବା ବ୍ଲକ ରତାପାଟ ଗ୍ରାମର ସାଧୁ ଚରଣ ପାତ୍ର (୬୦) ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସୂଚନାରୁ ପ୍ରକାଶ ରତାପାଟ ଗ୍ରାମ ନିଜ ଘରୁ ଗାଡ଼ିରେ ଗମେଇଁ ଅଭିମୁଖେ କୌଣସି ଏକ କାମରେ ଯାଉଥିବା ବେଳେ କଣ୍ଠା ଗ୍ରାମର ନଦୀ ବନ୍ଧ ବରଗଛ ଠାରେ ଦୁର୍ଘଟଣାରେ ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ଏହି ସମୟରେ ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଶଶାଙ୍ଗ ଗ୍ରାମରେ ଏକ ଦଶାହ କାର୍ଯ୍ୟରେ ଯୋଗଦେଇ ନିଜ କାର୍‌ରେ ଫେରିବା ବାଟରେ ଦେଖି ଅଚେତ ହୋଇ ପଡ଼ିଥିବା ଶ୍ରୀ ପାତ୍ରଙ୍କୁ ନିଜ କାରରେ ଆଣି ତାଙ୍କ ପୁତ୍ରଙ୍କ ପାଖରେ ପହଞ୍ଚାଇବା ସହ ଆମ୍ବୁଲାନ୍ସ ଯୋଗେ ବଡମ୍ବା ଡାକ୍ତରଖାନାକୁ ନେଇଥିଲେ।

## ଦୁର୍ଘଟଣାରେ ଜୈନ ସନ୍ନ୍ୟାସିନୀଙ୍କ ମୃତ୍ୟୁ

**ଫୁଲନଖରା,୨୮ ।୩(ସମିସ):** ଭୁବନେଶ୍ୱର କଟକ ୧୬ନଂ ଜାତୀୟ ରାଜପଥ ବମ୍ଫକୁଦ ନିକଟରେ ଜଗାବଳିଆ ନାମକ ଏକ ଯାତ୍ରୀବାହୀ ବସ୍ ଜୈନ ସଂପ୍ରଦାୟର ସନ୍ନ୍ୟାସିନୀଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଖଣ୍ଡଗିରିସ୍ଥିତ ଦିଗମ୍ବର ଜୈନଧର୍ମ ଆଶ୍ରମରୁ ବାହାରି କଟକସ୍ଥିତ ଚୌଧୁରୀବଜାର ଦିଗାମ୍ବର ଜୈନ ଆଶ୍ରମ ଅଭିମୁଖେ ବାହାରିଥିବା ୭ଜଣିଆ ପଦଯାତ୍ରୀ ଯାଉଥିବା ବେଳେ ବମ୍ଫକୁଦ ନିକଟରେ ଜୈନଧର୍ମ ଗୁରୁମା ବିରଦ୍ ଶ୍ରୀମାତାଜୀ (୮୦)ଙ୍କୁ ବସ୍‌ଟି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ କଟକ ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ କଟକ ବଡ଼ ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଲିସ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଜୟ ଜଗନ୍ନାଥ ସ୍ୱୟଂ ସହାୟକ ସମିତିର ବାର୍ଷିକ ଉତ୍ସବ

**ମାହାଙ୍ଗା,୨୮ ।୩(ସମିସ):** ମାହାଙ୍ଗା ବ୍ଲକ୍ କୁସୁପୁର ଠାରେ ଜୟ ଜଗନ୍ନଥ ସ୍ୱୟଂ ସହାୟକ ସମିତିର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପତିତପାବନ ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ସଦସ୍ୟ ଅକ୍ଷୟ କୁମାର ମାଝି, ଅରୁଣ କୁମାର ସାହୁ, ମହେନ୍ଦ୍ର ରାଉତ, ଭାବଗ୍ରାହୀ ମହାନ୍ତି, ପଦ୍ମଲୋଚନ ନାୟକ, ସାରଦା ମିଶ୍ର, ଚିନ୍ମୟ ମିଶ୍ର, ଅଭୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ଗ୍ରୀଷ୍ମଋତୁକୁ ଆଖି ଆଗରେ ରଖି ବିଭିନ୍ନ ସ୍ଥାନରେ ଜଳଛତ୍ର ବ୍ୟବସ୍ଥା କରାଯିବ ବୋଲି ଆଲୋଚନା ହୋଇଥିଲା। ତତ୍ ସହିତ ପଶୁମାନଙ୍କ ପାନୀୟ ଜଳ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ପାଣିକୁଣ୍ଡ ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯିବା ସହ ଆଗାମୀ ଦିନରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଚାରାରୋପଣ କାର୍ଯ୍ୟକ୍ରମ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଂପାଦକ ନୃସିଂହ ଚରଣ ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଶାନ୍ତ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ମାଫିଆ ଗିରଫ



**ଆଠଗଡ଼,୨୮ ।୩(ସମିସ):** ଗତ ମାସ ୨୮ ତାରିଖରେ ଅବକାରୀ ମୋବାଇଲ ସ୍କ୍ୱାଡ ଦ୍ୱାରା ହୋଇଥିବା ଅବକାରୀ ଚଢଉରେ ଆଠଗଡ଼ ଥାନା ଅନ୍ତର୍ଗତ କଲରାଗଡ ଛକରୁ ୧୮୯୦ ଲିଟର ଚୋରା ଦେଶୀ ରନ୍ଧା ମଦ ସହିତ ଏକ ମାରୁତି ସୁଜୁକି କାର ଜବତ କରାଯାଇ ଡ୍ରାଇଭର କଲରାଗଡ ଗ୍ରାମର ସନ୍ଦୀପ କୁମାର ସାହୁଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବାରଙ୍ଗ ଥାନା ଅନ୍ତର୍ଗତ ସାନ ମୁଣ୍ଡଲୀ ଗ୍ରାମର ଦୁଷ୍ମନ୍ତ ଲେଙ୍କା ଓରଫ୍ ଧକୁ ଫେରାର ହୋଇଯାଇଥିଲା। ଆଜି ଧବଳେଶ୍ୱର ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ଦୁଷ୍ମନ୍ତଙ୍କୁ ଗିରଫ କରାଯାଇଥିବା ଜଣାପଡିଛି।

## ମା' ମଙ୍ଗଳା ବିଶ୍ୱଶାନ୍ତି ମହାଯଜ୍ଞ

**ତିଗିରିଆ,୨୮ ।୩(ସମିସ):** ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ଅନ୍ତର୍ଗତ ଅମୁଣିଆସାହି ଗ୍ରାମର ଆରାଧ୍ୟ ଦେବୀ ମା' ମଙ୍ଗଳାଙ୍କ ପୀଠରେ ସୋମବାର ଠାରୁ ବୁଧବାର ୩ ଦିନ ଧରି ୪୬ତମ ମା' ମଙ୍ଗଳା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅମୁଣିଆସାହି ଗ୍ରାମ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ରବିବାର ଠାରୁ ମହାଯଜ୍ଞ ଅଙ୍କୁରାରୋପଣ, ବେଦପାଠ ଓ ନାମ ସଂକୀର୍ତ୍ତନର ଆରମ୍ଭ କରାଯାଇ ସୋମବାର କଳସ ଶୋଭାଯାତ୍ରା, ମଣ୍ଡଳପୂଜା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସ୍ଥାପନ, ମଙ୍ଗଳବାର ଭୋରରୁ ପ୍ରାତଃ ନଗର କୀର୍ତ୍ତନ, ରାଧାକୃଷ୍ଣଙ୍କ ଷୋଡଶ ଉପଚାର ପୂଜା ପରେ ଅନ୍ୟ ଦେବତାମାନଙ୍କୁ ଆହୁତି ପ୍ରଦାନ କରାଯିବା ପରେ ଅପରାହ୍ନରେ ବିଶ୍ୱଶାନ୍ତି ବାର୍ଷିକ ମହାଯଜ୍ଞ, ନାମ ସଂକୀର୍ତ୍ତନ ପୂର୍ବକ ଭକ୍ତମାନଙ୍କ ଦ୍ୱାରା ନଗର ପରିକ୍ରମା କରାଯାଇ କଳସ ବିସର୍ଜନ କାର୍ଯ୍ୟ ସଂପାଦିତ ହୋଇ ବିଳମ୍ବିତ ସନ୍ଧ୍ୟାରେ ଚରୁଅନ୍ନ ବଣ୍ଟନ ଓ ପ୍ରସାଦ ସେବନ କାର୍ଯ୍ୟ ସଂପାଦିତ ହୋଇଛି। ସଭାପତି ଡ. ମନୋରଞ୍ଜନ ମହାନ୍ତିଙ୍କ ସମେତ ଉପସଭାପତି ସୁବାଷ ଚନ୍ଦ୍ର ମହାନ୍ତି, ସହସଂପାଦକ ଲକ୍ଷ୍ମଣ ମହାନ୍ତି, କୋଷାଧ୍ୟକ୍ଷ କାହ୍ନୁଚରଣ ମହାନ୍ତି, ସନ୍ତୋଷ ମହାନ୍ତି, ଭରତ ମହାନ୍ତି ଓ ଯାତ୍ରା ପରିଚାଳନା କମିଟି ସଦସ୍ୟ ତଥା ଉପଦେଷ୍ଟା କମିଟିର ସଦସ୍ୟମାନେ ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ୮ମ ଥର ପାଇଁ ରଣେନ୍ଦ୍ର ଆଠଗଡ଼-ତିଗିରିଆ ବିଧାୟକ ପ୍ରାର୍ଥୀ

# କର୍ମୀ ଓ ନେତୃମଣ୍ଡଳୀ ଖୁସ୍; ବିରୋଧୀଙ୍କ ମୁହଁ ଚୁପ୍

**ତିଗିରିଆ,୨୮ ।୩(ସମିସ)**



ଆଠଗଡ-ତିଗିରିଆ ବିଧାୟକ ତଥା ରାଜ୍ୟ କୃଷି କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପଶୁ ସଂପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କ୍ରମାଗତ ଭାବେ ୮ମ ଥର ପାଇଁ ବିଜୁ ଜନତା ଦଳ ସମର୍ଥନରେ ଆଠଗଡ-ତିଗିରିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ମୈଦାନ ପାଇଁ ମନୋନୀତ ହୋଇଛନ୍ତି। ବିଜୁ ଜନତା ଦଳର ସମର୍ଥନ ତଥା ଦଳୀୟ ଟିକେଟ ଘୋଷଣା ପରେ ଗତକାଲି ଠାରୁ ଉଭୟ ଆଠଗଡ ବ୍ଲକ, ଆଠଗଡ ଏନଏସି ଓ ତିଗିରିଆ ବ୍ଲକର ବିଜେଡି ନେତୃମଣ୍ଡଳୀ, ଛାମୁଆ ନେତା ତଥା କର୍ମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ତେବେ ସାଧାରଣ ନିର୍ବାଚନରେ ପୁନଃ ଆଠଗଡ-ତିଗିରିଆ ନିର୍ବାଚନ ମଣ୍ଡଳୀର ବିଧାୟକ ନିର୍ବାଚନରେ ରଣେନ୍ଦ୍ର ପ୍ରତାପ ଓରଫ ରାଜା ସ୍ୱାଇଁଙ୍କ ଉପସ୍ଥିତି ଉଭୟ କଂଗ୍ରେସ ଓ ବିଜେପି ନେତୃମଣ୍ଡଳୀଙ୍କ ମୁହଁରେ ଲଗାମ ଦେଇଛି। ସମଗ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଠଗଡ, ତିଗିରିଆ ଟାଉନ ସହିତ ବିଭିନ୍ନ ଗ୍ରାମାଞ୍ଚଳରେ ବସବାସ କରୁଥିବା ବିଜେଡି ସମର୍ଥକ ତଥା ରଣେନ୍ଦ୍ର ପ୍ରତାପଙ୍କ ଶୁଭଚିନ୍ତକମାନେ ଗତକାଲି ଠାରୁ ବାଜା ବାଣ ଫୁଟାଇ ଆଗତୁରା ଖୁସି ମନାଇବା ଆରମ୍ଭ କରିଛନ୍ତି।

ସୂଚନା ମୁତାବକ ଗତ ସାଧାରଣ ନିର୍ବାଚନର ଭେରିତୁରୀ ବାଜିବା ଦିନଠାରୁ ଏଠାରେ ରଣେନ୍ଦ୍ର ପ୍ରତାପଙ୍କ ବିଜେଡି ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା, ଆଲୋଚନା, ପର୍ଯ୍ୟାଲୋଚନା ସହିତ ରୋଚକ ଆଲୋଚନାମାନ ଆରମ୍ଭ ହୋଇଥିଲା। ଏପରିକି ଚଳିତ ସାଧାରଣ ନିର୍ବାଚନ ପାଇଁ ରଣେନ୍ଦ୍ରଙ୍କୁ କଟକ ଲୋକସଭା ଆସନ ପାଇଁ ସାଂସଦ ରୂପେ ଅବତୀର୍ଣ୍ଣ ହେବେ, ଦଳୀୟ ସଂଗଠନ ଦାୟିତ୍ୱରେ ରହିବେ ଓ ସମ୍ମାନଜନକ ଆଠଗଡ-ତିଗିରିଆ ନିର୍ବାଚନ ମଣ୍ଡଳୀରେ ଜଣେ ନବାଗତ ରାଜନେତାଙ୍କ ଆବିର୍ଭାବ ହେବା ନେଇ ଆଲୋଚନା ଆରମ୍ଭ ହୋଇଥିଲା। ଏପରିକି ରଣେନ୍ଦ୍ରଙ୍କ ସ୍ଥାନରେ ତାଙ୍କ ପୁତ୍ର ଆଦିତ୍ୟ ପ୍ରତାପ ସ୍ୱାଇଁ ଏହି ଆସନରୁ ନିର୍ବାଚନ ଲଢିବା ନେଇ ମଧ୍ୟ ଖୁବ୍ ଜୋର୍‌ରେ ଚର୍ଚ୍ଚା ଚାଲିଥିଲା। ମାତ୍ର ସମସ୍ତ କଳ୍ପନାଜଳ୍ପନାକୁ ବାଦ୍ ଦେଇ ବୁଧବାର ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟର ୭୨ଟି ବିଧାନସଭା ପାଇଁ ପ୍ରାର୍ଥି ଘୋଷଣା କରାଯିବା ପରେ ଏଥିରେ ରଣେନ୍ଦ୍ର ପ୍ରତାପ ପୁଣି ଥରେ ଆଠଗଡ-ତିଗିରିଆରୁ ପୁନଃ ପ୍ରାର୍ଥୀ ହେବେ ବୋଲି ଘୋଷଣା ହେବା ପରେ ଗତକାଲି ଠାରୁ ସମସ୍ତ ଆଲୋଚନାର ପରିସମାପ୍ତି ଘଟିଛି। ଅନ୍ୟପକ୍ଷରେ ରଣେନ୍ଦ୍ର ପ୍ରତାପ ଏଥିପୂର୍ବରୁ ଜନତା ଦଳ ସମର୍ଥନରେ ୫ ଥର ବିଜୁ ଜନତା ଦଳ ସମର୍ଥନରେ ଆଠଗଡ-ତିଗିରିଆ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ନିଜର ବ୍ୟକ୍ତିଗତ ପ୍ରଚେଷ୍ଟା ତଥା ରାଜନୈତିକ ଗୋଟି ଚାଳନା କରି ଆଠଗଡର ଅପ୍ରତିଦ୍ୱନ୍ଦ୍ୱୀ ନେତା ରୂପେ ନିଜକୁ ପ୍ରତିଷ୍ଠିତ କରିସାରିଥିବାରୁ ଚଳିତ ସାଧାରଣ ନିର୍ବାଚନରେ ତାଙ୍କର ବିଜୟ ସୁନିଶ୍ଚିତ ବୋଲି ଦୃଢୋକ୍ତି ପ୍ରକାଶ ପାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଆଠଗଡ-ତିଗିରିଆ ବିଧାନସଭା ନିର୍ବାଚନ ପାଇଁ ଉଭୟ ଭାରତୀୟ ଜନତା ପାର୍ଟି କିମ୍ବା କଂଗ୍ରେସ ଦଳ ନିଜ ନିଜର ପ୍ରାର୍ଥିଙ୍କ ନାମ ଘୋଷଣା କରି ନ ଥିବାରୁ ସମଗ୍ର ଆଠଗଡ-ତିଗିରିଆରେ ନିର୍ବାଚନୀ ମାହୋଲ ଜମି ପାରିନାହିଁ।

## ଅଭିଷେକ ମେମୋରିଆଲ ଟ୍ରଷ୍ଟର ବାର୍ଷିକ ଉତ୍ସବ



**ଫୁଲନଖରା,୨୮ ।୩(ସମିସ):** ପ୍ରତିବର୍ଷ ପରି ଚଳିତ ବର୍ଷ ସିଏମ୍‌ସି ୫୬ନଂ ୱାର୍ଡ ଅନ୍ତର୍ଗତ କାଜିପୁରସ୍ଥିତ ଇଂ ଅଭିଷେକ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ରଞ୍ଜନ କୁମାର ଲେଙ୍କାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ସମ୍ମାନିତ ଅତିଥି ଭାବରେ ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ, ଆଡଭୋକେଟ୍ ଅନ୍ନପୂର୍ଣ୍ଣା ସାହୁ, ଗ୍ରାମ୍ୟ କମିଟି ସଭାପତି ନନ୍ଦନ ଦଳବେହେରା ଓ ସଂପାଦକ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଇଂ ଅଭିଷେକ ପାଲଙ୍କ ସ୍ମୃତିରେ ପ୍ରକାଶିତ ମୁଖପତ୍ର 'ସ୍ମୃତିରେ ଅଭିଷେକ'କୁ ଉନ୍ମୋଚନ କରିବା ସହ ଅସହାୟଙ୍କୁ ଖାଦ୍ୟ ବଣ୍ଟନ, ଶୀତବସ୍ତ୍ର ବଣ୍ଟନ ଠାରୁ ଆରମ୍ଭ କରି ବୃଦ୍ଧାଶ୍ରମ ଓ କୁଷ୍ଠାଶ୍ରମ କରି ନିରାଶ୍ରୟଙ୍କୁ ଥଇଥାନ କରିବାର ସୁବନ୍ଦୋବସ୍ତ ଏବଂ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକଲ୍ ବଣ୍ଟନ ଆଦି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ପୁତ୍ର ଅଭିଷେକର ସ୍ମୃତିକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ପିତା ବିଜନ କୁମାର ପାଲ ୨୦୨୦ ମସିହା ଠାରୁ ଉକ୍ତ ଅନୁଷ୍ଠାନ ଗଠନ କରି ବିଭିନ୍ନ ସମାଜମଙ୍ଗଳ କାର୍ଯ୍ୟ କରିବା ସହ ଉଚ୍ଚ ଶିକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଆସୁଛନ୍ତି। ଏହି ଉତ୍ସବ ଅବସରରେ ସାଂସଦ ଯୋଗଦେଇ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ ଓ ଟ୍ରାଇ ରିକ୍ସା ବଣ୍ଟନ କରିଥିଲେ।

## ପିଇବା ପାଣି ପାଇଁ ଲୋକ ହନ୍ତସନ୍ତ



**ଆଠଗଡ଼,୨୮ ।୩(ସମିସ):** ଚାରି ଦିନ ହେଲାଣି ପାଣି ଟୋପାଏ ନାହିଁ। ସରକାରୀ ସହାୟତାରେ ଯୋଗାଇ ଦିଆଯାଉଥିବା ପାଣି ମୋଟର ଖରାପ ହେବା ପରେ ମଧ୍ୟ ଶୁଣିବାକୁ କେହି ନାହାନ୍ତି। ବାରମ୍ବାର ପାଣି ପାଇପ୍ ଫାଟିବା ମୋଟର ଖରାପ ହେବା ସହିତ ଅନେକ ସମୟରେ ପାଣି ଯୋଗାଣ ବ୍ୟାହତ ହୋଇଥାଏ। ତେଣୁ ବାଧ ହୋଇ ଲୋକଙ୍କୁ ଖୋଲା କୂଅରୁ ପାଣି ଆଣି ବ୍ୟବହାର କରିଥାନ୍ତି। ଯେଉଁଥିପାଇଁ ବିଭିନ୍ନ ପ୍ରକାରର ରୋଗ ହେଉଥିବା ଅଭିଯୋଗ ଆସିଛି ଆଠଗଡ଼ ବ୍ଲକ କଣ୍ଡରେଇ ପଞ୍ଚାୟତର ଡାଲୁଆ ହରିଜନ ସାହିରୁ। ଗତ ଚାରିଦିନ ଧରି ପାନୀୟ ଜଳ ଯୋଗାଣରେ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଥିବା ବେଳେ ବର୍ତ୍ତମାନ ଅସ୍ଥାୟୀ ଭାବରେ ଏହାର ମରାମତି କରାଯାଇଥିବା କହିଛନ୍ତି କଣ୍ଡରେଇ ପଞ୍ଚାୟତର ସରପଞ୍ଚ ଜ୍ଞାନ ରଞ୍ଜନ ଦାଶ। ଖରା ଦିନର ଉତ୍କଟ ଜଳାଭାବ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ଏ ବାବଦରେ ଆଠଗଡ଼ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ କିମ୍ବା ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେମାନେ ଫୋନ୍ ଉଠାଇ ନ ଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସାଧାରଣରେ ଦାବି ହେଉଛି।

## ଟ୍ୱିନ୍‌ସିଟିରୁ ୫୫ ବନ୍ଧୁକ, ୫ କିଲୋ ଧଳାଜହର ଜବତ

**ଭୁବନେଶ୍ୱର,୨୮ ।୩(ସମିସ):** ଦ୍ୱୈତନଗରୀରେ ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଲାଗି ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଦ୍ୱୈତନଗରୀକୁ ଅପରାଧ ମୁକ୍ତ କରିବା ଲାଗି ପ୍ରକ୍ରିୟା ବି ଜାରିରହିଛି। ପ୍ରଥମତଃ ନିଶା କାରବାର ଓ ବନ୍ଧୁକଧାରୀ ଆତତାୟୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ନେବା କମିସନରେଟ୍ ପୁଲିସ ମୂଳ ପ୍ରସଙ୍ଗ କରିଛି। ଏହିକ୍ରମରେ ଦ୍ୱୈତନଗରୀରେ ସଂଗଠିତ ଅପରାଧ ରୋକିବା ସହ ରୌପ୍ୟନଗରୀ କଟକ ଓ ସ୍ମାର୍ଟସିଟି ଭୁବନେଶ୍ୱରକୁ ଅପରାଧମୁକ୍ତ ସହର ଭାବେ ଗଢ଼ି ତୋଳିବାକୁ କମିସନରେଟ୍ ପୁଲିସ ଦାୟିତ୍ୱ ନେଇଛି। ଗତ ୧୫ମାସରେ ଦ୍ୱୈତନଗରୀରୁ ୫୫ଟି ବନ୍ଧୁକ ଓ ୫ କିଲୋ ବ୍ରାଉନସୁଗର ଜବତ କରାଯାଇଛି। କଟକରୁ ୩୫ଟି ବନ୍ଧୁକ ଜବତ ହୋଇଥିବା ବେଳେ ୨୦ଟି ବନ୍ଧୁକ ଠାବ ହୋଇଛି। ଅନୁରୂପ ଭାବେ ଏହି ଅବଧି ଭିତରେ ରାଜଧାନୀରୁ ଅଢ଼େଇ କିଲୋ ବ୍ରାଉନ୍‌ସୁଗର ଜବତ କରାଯାଇଥିବା ବେଳେ କଟକରୁ ୨ କିଲୋ ୪୭୦ ଗ୍ରାମ ବ୍ରାଉନ୍‌ସୁଗର ଜବତ କରାଯାଇଛି। ଅପରପକ୍ଷେ ବନ୍ଧୁକ ଜବତରେ ରାଜଧାନୀକୁ ପଛରେ ପକାଇ ଆଗକୁ ବଢ଼ିଛି କଟକ। ଗଲାବର୍ଷ ଦ୍ୱୈତନଗରୀରୁ ୩୮ଟି ବନ୍ଧୁକ ଓ ଚଳିତବର୍ଷ ଏଯାବତ୍ ୧୭ଟି ବନ୍ଧୁକ ଜବତ କରାଯାଇଛି। କଟକ ସହରାଞ୍ଚଳ ପୁଲିସ ୩୫ଟି, ଭୁବନେଶ୍ୱର ସହରାଞ୍ଚଳ ପୁଲିସ ୧୪ଟି ଏବଂ ସ୍ୱତନ୍ତ୍ର ଅପରାଧ ଶାଖା ରାଜଧାନୀରୁ ୬ଟି ବନ୍ଧୁକ ଜବତ କରିଛି। କଟକରେ ଦାଦାବଟି, ଟେଣ୍ଡର୍ ଫିକ୍ସିଂ, ଡକାୟତି ଓ ଲୁଟ୍‌ପାଟ୍ ଭଳି ଏକାଧିକ ଅପରାଧ ଘଟଣାରେ କୁଖ୍ୟାତ ଅପରାଧୀମାନେ ବନ୍ଧୁକ ବ୍ୟବହାର କରୁଥିବାର ନଜିର ରହିଛି।

ସେହିପରି ଦ୍ୱୈତନଗରୀକୁ ବିହାର, ଉତ୍ତରପ୍ରଦେଶ ଓ କୋଲକାତାରୁ ବନ୍ଧୁକ ଆସୁଛି। କିଏ ସୁପାରି ଲାଗି ତ ଆଉ କିଏ ନିଶା କାରବାର ଓ ଗୋ-ଚାଲାଣ ଲାଗି ବନ୍ଧୁକକୁ କିଣି ନେଉଛି। ସେଠାରୁ ୨୦ରୁ ୨୫ ହଜାର ଟଙ୍କାରେ ବନ୍ଧୁକ କିଣି ଦ୍ୱୈତନଗରୀରେ ବନ୍ଧୁକ ଗୋଟା ପିଛା ୮୦ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଅନ୍ୟପକ୍ଷରେ ଭାରତ-ବାଂଲାଦେଶ ସୀମାରେ ଥିବା ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଜିଲ୍ଲା ଲାଲଗୋଲା, ନର୍ଦିଆ, ବର୍ଦ୍ଧମାନ, ମାଲ୍‌ଦା, ମିଆଁମାର, ମଣିପୁରରୁ ବ୍ରାଉନ୍‌ସୁଗର ଆସୁଛି। ସେଠାରୁ ବାଲେଶ୍ୱର ଓ ଜଳେଶ୍ୱର ଦେଇ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏହି ନିଶାଦ୍ରବ୍ୟ ବିକ୍ରି କରାଯାଉଛି। ବିଶେଷକରି କଟକ ଓ ଭୁବନେଶ୍ୱରରେ ନିଶାସେବନକାରୀ ସଂଖ୍ୟା ବଢ଼ିଥିବାରୁ ବ୍ରାଉନ୍‌ସୁଗର କାରବାର ବି ଚାରିଗୁଣା ବୃଦ୍ଧି ହୋଇଥିବା ସୂଚନା ମିଳିଛି।

**ବନ୍ଧୁକରେ କଟକ ଓ ବ୍ରାଉନ ସୁଗରରେ ରାଜଧାନୀ ଆଗରେ**

## ସାଲେପୁର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବ

**ସାଲେପୁର,୨୮ ।୩(ସମିସ):** ସାଲେପୁର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠାନର ଅଧ୍ୟକ୍ଷ ଶଶାଙ୍କ ଶେଖର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପୂର୍ବତନ ପୁଲିସ ଆଇଜି ରାଜକିଶୋର ଦାଶ ମୁଖ୍ୟଅତିଥି ରୂପେ ଯୋଗଦେଇ ଶୃଙ୍ଖଳିତ ଭାବରେ ଅଧ୍ୟୟନ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ମାନସ ଭୂଷଣ ପଣ୍ଡିତ, ହୃଷିକେଶ ରଥ, ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସାମ୍ବାଦିକ ଡ. ସତ୍ୟ ରାୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପଦେଶ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର କର, ସଂପାଦକ ରବିନ୍ଦ୍ର ନାଥ କର ଏବଂ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କର ପିତାମାତା ଯୋଗଦେଇଥିବାବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଉପନିବନ୍ଧକ କାର୍ଯ୍ୟାଳୟର ବରିଷ୍ଠ ମୋହରିର୍‌ଙ୍କ ପରଲୋକ



**ସାଲେପୁର,୨୮ ।୩(ସମିସ):** ସାଲେପୁର ଉପନିବନ୍ଧକ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ଦଲିଲ ଲେଖକ ରୂପେ କାର୍ଯ୍ୟ କରି ଆସୁଥିବା ବରିଷ୍ଠ ମୋହରୀର ପ୍ରଫୁଲ୍ଲ କୁମାର ବଳଙ୍କ ୭୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସାଲେପୁର ଉପନିବନ୍ଧକ କାର୍ଯ୍ୟାଳୟରେ ସମସ୍ତ ମୋହରୀର ଏବଂ କାର୍ଯ୍ୟାଳୟର କର୍ମଚାରୀ, ଦେବେନ୍ଦ୍ର ନାଥ କର, ଉପନିବନ୍ଧକ ଅଶୋକ କୁମାର ଦାଶ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ବଳ ୪୦ବର୍ଷରୁ ଉଦ୍ଧ୍ୱର୍ ସମୟ ଧରି ଏହି କାର୍ଯ୍ୟାଳୟ ଅଧୀନରେ ମୋହରୀର କାର୍ଯ୍ୟ କରି ଲୋକପ୍ରିୟ ହୋଇପାରିଥିଲେ। ଜଣେ ମିଷ୍ଟଭାଷୀ ଓ ସମାଜସେବୀ ରୂପେ ଜିଗ୍ନୀପୁର ଗ୍ରାମରେ ସେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସାଲେପୁର ମୋହରିର ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶବ ସତ୍କାର କରାଯାଇଥିବାବେଳେ ଜ୍ୟେଷ୍ଠ ପୁତ୍ର ସନ୍ଦୀପ କୁମାର ବଳ ମୁଖାଗ୍ନି ଦେଇଥିଲେ।

### ରୋଗୀ ସେବା ସମସ୍ୟା ସୁଧାରିବାକୁ ଦାବି

# ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

**ମାହାଙ୍ଗା,୨୮ ।୩(ସମିସ):**



ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ରୋଗୀସେବା ସମସ୍ୟା ନେଇ ଗ୍ରାମବାସୀମାନେ ଆଜି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଥିବା ଜଣାଯାଇଛି । ପ୍ରକାଶ ଯେ, ରୋଗୀଙ୍କୁ ଅବହେଳା, ମନମୁଖୀ ଭାବେ ଚାଲିଛି ରୋଗୀସେବା। ଯାହାକୁ ନେଇ ଗ୍ରାମବାସୀମାନେ ପ୍ରଶ୍ନ ଉଠାଇଛନ୍ତି ଆଉ ଡାକ୍ତରଖାନାର ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ସମ୍ମୁଖରେ ଧାରଣା ଦେଇଛନ୍ତି। ଏଭଳି ଏକ ଘଟଣା ଘଟିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ ନାହାନ୍ତି, ସମସ୍ତ ପ୍ରକାର ଔଷଧ ମିଳୁନି, ଆବଶ୍ୟକୀୟ ପରୀକ୍ଷା ପାଇଁ ଲାବରେଟୋରିରର କର୍ମଚାରୀ ଅଭାବ ଏଭଳି ବିଭିନ୍ନ ସମସ୍ୟା ନେଇ ଡାକ୍ତରଖାନା ଆଗରେ କୁଣ୍ଡି ଅଞ୍ଚଳର ଲୋକେ ଧାରଣାରେ ବସିଥିଲେ। ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ଲିଖିତ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିନି ବୋଲି ସେମାନେ କହିଛନ୍ତି। ତେବେ ଆଗାମୀ ଦିନରେ ଦାବି ପୂରଣ ନ ହେଲେ ସେମାନେ ସମୂହ ଭୋଟ ବର୍ଜନ କରିବା ସହ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଗୁନା ଭାଇନା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପାଇକସାହିକୁ ହରାଇ ଶାମସୁନ୍ଦରପୁର ଚାମ୍ପିଅନ

**ଫୁଲନଖରା,୨୮ ।୩(ସମିସ):** ଫୁଲନଖରା ସ୍ଥିତ ଏଡିଆର୍‌ଆଇ ପଡିଆରେ ଏକ ଦିବସୀୟ ଫ୍ଲଡ ଲାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଭାବରେ ବିଧାୟକ ଚନ୍ଦ୍ରସାରଥି ବେହେରା ଓ ସମ୍ମାନୀତ ଅତିଥି ଭାବରେ ସଦର ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୁନା ଭାଇନାଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ୨୪ଟି ଦଳ ଭାଗନେଇଥିଲେ। ଶେଷରେ ପାଇକସାହି ଓ ଶାମସୁନ୍ଦରପୁର କ୍ରିକେଟ୍ ଟିମ୍ ଭିତରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶାମସୁନ୍ଦରପୁର ସୁନ୍ଦର ଖେଳ ପ୍ରଦର୍ଶନ ସହିତ ପାଇକସାହିକୁ ହରାଇ ଚଳିତ ବର୍ଷର ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ଅତିଥି ଭାବରେ ୫୯ନଂ ୱାର୍ଡ ବିଜେଡି ସଭାପତି ଜ୍ଞାନରଞ୍ଜନ ସାହୁ ଓ ରାକେଶ କୁମାର ପଟ୍ଟନାୟକ ଯୋଗଦେଇ ଚାମ୍ପିଅନ ଟିମ୍‌କୁ ଟ୍ରଫି ସହ ନଗଦ ୧୩ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ନଗଦ ୯ ହଜାର ଟଙ୍କା ପ୍ରଦାନ କରିଥିଲେ।



ଏଥି ସହିତ ତୃତୀୟ ଦଳ ଭାବରେ ଚୌଦ୍ୱାର ପଣ୍ଡୁଆ ଟିମ୍‌କୁ ଟ୍ରଫି ଓ ନଗଦ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ମ୍ୟାଚକୁ ଦୀପକ ସାହୁ, ରାଜେନ୍ଦ୍ର ବେହେରା, ସୁଶୀଲ ବେହେରା, ହିମାଂଶୁ ଦାସ, ରାକେଶ କୁମାର ଜେନା ପ୍ରମୁଖ ପରିଚାଳନା କରିଥିବା ବେଳେ ସରୋଜ ନାୟକ, ରାହୁଲ ପଟ୍ଟନାୟକ, ପ୍ରକାଶ ଭୋଇ, ରାକେଶ ନାୟକ ପ୍ରମୁଖ ସହଯୋଗ କରିଥିଲେ।

